## ବ୍ୟବସାୟୀଙ୍କୁ ଟଙ୍କା ମାଗି ୨ଗିରଫ

ରାଉରକେଲା ଅଫିସ: ଗତ ମାର୍ଚ୍ଚ ୨୫ରେ ରାଉରକେଲା ସିଭିଲଟାଉନସିପର କ୍ରଶର ମାଲିକ ତଥା ସହରର ଜଣାଶୁଣା ବ୍ୟବସାୟୀଙ୍କୁ ପିଏଲ୍ଏଫ୍ଆଇ ସଦସ୍ୟ ରଞ୍ଜନ ଖେଡ଼ିଆ ନାଁରେ ୧୦ ଲକ୍ଷ ଟଙ୍କା ଦାଦା ବଟି ମାଗିଥିଲେ। ଏହି ଘଟଣାରେ ରଘୁନାଥପାଲ୍ଲୀ ପୋଲିସ ଦୁଇ ଜଣକୁ ଗିରଫ କରିଛି। ଗିରଫ ଦୁଇଜଣ ହେଲେ ବୀରମିତ୍ରପୁରର ଚେତନ ଓରଫ ଶିବଦତ୍ତ ଜୟପୁରିଆ ଓ ସୁଶୀଲ ସମର। ଶିବଦତ୍ତ ଓ ସୁଶୀଲ ନିକଟରୁ ପୋଲିସ ବନ୍ଧୁକ, ମାଗାଜିନ, ଦୁଇଟି ଅଫୁଟା ଗୁଳି, ଓ ମୋବାଇଲ ଫୋନ ଜବତ କରିଛି। ଗିରଫ ଦୁଇ ଅଭିଯୁକ୍ତଙ୍କ ନାମରେ ଏକାଧିକ ଅପରାଧିକ ମାମଲା ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ସଂକ୍ଷେପରେ

## କମ୍ପାନୀ ବସ୍- ଟ୍ରକ୍ ଧକ୍କା

**ବେପରୁଆ ଗାଡ଼ି ଚାଳନା**

କୁଆଁରମୁଣ୍ଡା, ୮।୪(ଡି.ଏନ.ଏ.)- ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଚୁଟିଆଟୋଲି ନିକଟରେ ଗୁରୁବାର ଅପରାହ୍ନ ପ୍ରାୟ ୨ଟା ବେଳେ ଏକ ଘରୋଇ କମ୍ପାନୀର ବସ୍ ଓ ଟ୍ରକ ମଧ୍ୟରେ ଧକ୍କା ହୋଇଛି। ଖବରପାଇ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଦୁର୍ଘଟଣାରେ କମ୍ପାନୀ ବସ୍‌ରେ ଆଧୁନିକ ମେଟାଲିକ୍ସ କାରଖାନାର କର୍ମଚାରୀମାନେ ଥିଲେ। ଦୁର୍ଘଟଣା ଘଟିଲା ପରେ ରାଜପଥର ଉଭୟ ପାର୍ଶ୍ୱରେ ଗାଡିଗୁଡିକର ଭିଡ଼ ଜମି ଯାଇଥିଲା। ଦୁର୍ଘଟଣାରେ କାରଖାନାର କର୍ମଚାରୀମାନେ ସାମାନ୍ୟ ଆହତ ହୋଇଛନ୍ତି। ବେପରୁଆ ଗାଡି ଚାଳନାରୁ ଏହି ଦୁର୍ଘଟଣା ଘଟିଥିବା ବେଳେ ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୁର୍ଘଟଣାସ୍ଥଳରେ ପୋଲିସ ପହଞ୍ଚି ଅଧିକ ତଦନ୍ତ ଚଳାଇଥିବାବେଳେ କୌଣସି ପକ୍ଷରୁ ଥାନାରେ ଅଭିଯୋଗ କରାଯାଇ ନ ଥିବା ପୋଲିସ କହିଛି। ସୂଚନା ଥାଉକି,ଦୁର୍ଘଟଣା ଘଟିବା ସମୟରେ କମ୍ପାନୀ ବସ୍ ରାଉରକେଲାରୁ କୁଆଁରମୁଣ୍ଡା ପାର୍ଶ୍ୱକୁ ଆସୁଥିବା ବେଳେ କୁଆଁରମୁଣ୍ଡାରୁ ବେଦବ୍ୟାସ ଅଞ୍ଚଳକୁ ଟ୍ରକ ଯାଉଥିଲା।

## ପାହାଡ଼, ଜଙ୍ଗଲ ଓ ବିଲରେ ନିଆଁ

**ପ୍ରକୃତି ଓ ପ୍ରାଣୀଙ୍କ ଶତ୍ରୁ ସାଜିଛନ୍ତି ସୁବିଧାବାଦୀ ମଣିଷ**

ବଡ଼ଗାଁ, ୮।୪ (ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବନାଞ୍ଚଳର ଅଧିକାଂଶ ଜଙ୍ଗଲ ପାହାଡ ଏବଂ ବିଲ ୨ ସପ୍ତାହ ହେଲା ପୁଣି ଜଳିବା ଆରମ୍ଭ ହୋଇଛି। ଗତ ମାସ ୨୦ ତାରିଖ ବର୍ଷା ହେବାରୁ ନିଆଁ ଲିଭିଯାଇଥିଲା। କିନ୍ତୁ ପ୍ରକୃତି, ଗୃହପାଳିତ ଓ ବନ୍ୟପ୍ରାଣୀଙ୍କ ଶତ୍ରୁ ସାଜିଥିବା ସୁବିଧାବାଦୀ ଲୋକେ ପୁଣି ଜଙ୍ଗଲ, ପାହାଡ ଓ ବିଲରେ ନିଆଁ ଲଗାଇଛନ୍ତି। ମହୁଲ ଗୋଟାଇବା ପାଇଁ ଗଛ ମୂଳର କିଛି ସ୍ଥାନକୁ ନିଆଁ ଲଗାଇ ସଫା କରିବା ପରେ ସୁବିଧାବାଦୀ ଲୋକେ ନିଆଁ ନ ଲିଭାଇ ଚାଲି ଯାଇଥାନ୍ତି। ଯାହାକି ବନାଗ୍ନୀର କାରଣ ହେଉଛି। ଏହା ବ୍ୟତୀତ ବିଡି, ସିଗାରେଟ ପିଇ ରାସ୍ତା ପାର୍ଶ୍ୱରେ ଫିଙ୍ଗି ଦେଉଥିବାରୁ ଜଙ୍ଗଲ ଓ ବିଲରେ ନିଆଁ ଲାଗିଥାଏ। ଚଳିତବର୍ଷ ଗ୍ରୀଷ୍ମ ଆରମ୍ଭରୁ ବଡଗାଁ, ଇତମା, ଭୋଇପାଲି, ରୂନଗାଁ, ଡୁଡାଲଗା, ସାହାଜବାହାଲ ଆଦି ପଞ୍ଚାୟତର ରାସ୍ତା ପାର୍ଶ୍ୱ ବିଲ ଓ ଜଙ୍ଗଲରେ ନିଆଁ ଲାଗିବାରୁ ବିସ୍ତୀର୍ଣ୍ଣ ଅଞ୍ଚଳରେ କଳା ଚାଦର ଘୋଡାଇ ହେଲା ଭଳି ଜଣାପଡୁଛି।



ବଡ଼ଗାଁ ଅଞ୍ଚଳରେ ବିଲରେ ନିଆଁ ଲାଗି ଜଳିଯାଇଛି।

କଳା ଧୂଆଁ ପରିବେଶକୁ ଧୂମିଳ କରି ରଖୁଛି। ତେବେ ବୁଧବାର ସକାଳୁ କେହି ଦୁର୍ବୃତ୍ତ ମହାବୀର ପର୍ବତରେ ନିଆଁ ଲଗାଇ ଦେଇଛନ୍ତି। ସୂଚନା ପାଇ ବଡଗାଁ ବନପାଳ ପଞ୍ଚନାରାୟଣ ସରାଫଙ୍କ ସହିତ ୧୫ ଜଣ ବନ କର୍ମଚାରୀ ବୁଧବାର ପୂର୍ବାହ୍ନ ୧୦ଟାରୁ ରାତି ୨ଟା ପର୍ଯ୍ୟନ୍ତ ନିଆଁ ଲିଭାଇବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ ମଧ ନିୟନ୍ତ୍ରଣ କରାଯାଇ ପାରିନାହିଁ। ଗୁରୁବାର ସକାଳୁ ପୁଣି ନିଆଁ ଲିଭାଇବା ପାଇଁ ଉଦ୍ୟମ କରାଯାଉଛି। ଏଥିରେ ଛାମୁଣ୍ଡା ଓ ବିର୍ସୁ ଗ୍ରାମର ଲୋକେ ସହଯୋଗ କରୁଛନ୍ତି। ଫରେଷ୍ଟର ସରାଫଙ୍କ ଠାରୁ ପ୍ରକାଶ ଫେବୃୟାରୀ ଶେଷ ସପ୍ତାହରୁ ଅଞ୍ଚଳର ବିଭିନ୍ନ ଜଙ୍ଗଲ ଓ ବିଲରେ ନିଆଁ ଲାଗିବା ଆରମ୍ଭ ହୋଇଥିଲା। ଏହା ସମ୍ପୂର୍ଣ୍ଣ ପ୍ରାଣୀ ଜଗତକୁ ପ୍ରଭାବିତ କରୁଛି। ବନ୍ୟପ୍ରାଣୀ ଓ ଗୃହପାଳିତ ପ୍ରାଣୀ ଦୟନୀୟ ଅବସ୍ଥାରେ ଅଛନ୍ତି। ଲୋକେ ସଚେତନ ହୋଇ ନିଆଁ ନ ଲଗାଇବା ଓ କେହି ଲଗାଇଲେ ନିଆଁ ଲିଭାଇବା ପାଇଁ ସେ ନିବେଦନ କରିଛନ୍ତି। ପ୍ରକୃତି ଉପରେ ଅତ୍ୟାଚାର ହେଲେ ପରିଣାମ ସମସ୍ତଙ୍କୁ ଭୋଗିବାକୁ ପଡିବ ବୋଲି ସେ ଚେତାଇବା ସହ ଗଛମୂଳରେ ନିଆଁ ନ ଲଗାଇ ଝାଡୁ ଦ୍ୱାରା ସଫା କରି ମହୁଲ ଗୋଟାଇବାକୁ ପରାମର୍ଶ ଦେଇଛନ୍ତି ।

## ନିଯୁକ୍ତି ଦାବିରେ ଡିବିସିଏଲର କନଭେୟର ବେଲ୍ଟ ବନ୍ଦ କଲେ

ରାଜଗାଙ୍ଗପୁର, ୮।୪ (ଡି.ଏନ.ଏ)

ନିଯୁକ୍ତି ଦାବିରେ ଗୁରୁବାର ଡାଲମିଆ ସିମେଣ୍ଟ ଭାରତ ଲିମିଟେଡର ଲାଞ୍ଜିବେର୍ଣ୍ଣାରୁ ରାଜଗାଙ୍ଗପୁର କାରଖାନାକୁ କନଭେୟର ବେଲ୍ଟ ଯୋଗେ ଆସୁଥିବା ଚୂନପଥରକୁ ସ୍ଥାନୀୟ ଯୁବକ ପରିବହନ ଟାୱାର ଟିଟି-୮ ଠାରେ ବନ୍ଦ କରି ଦେଇଥିଲେ। ଫଳରେ ପରିବହନ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ କମ୍ପାନୀର କିଛି କର୍ତ୍ତୃପକ୍ଷ ଓ ଥାନାଧିକାରୀ ଗୋକୁଳାନନ୍ଦ ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚ ପରିସ୍ଥିତି ବୁଝିଥିଲେ। ସେମାନଙ୍କୁ ବୁଝେଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେମାନେ ଜିଦ୍‌ରେ ଅଟଳଥିଲେ। ପରେ ଜିଲା ପ୍ରଶାସନର ହସ୍ତକ୍ଷେପ ହୋଇଥିଲା। ସୁନ୍ଦରଗଡ ଉପଜିଲାପାଳ ଅଭିମନ୍ୟୁ ବେହେରା ଏହି ସଂକ୍ରାନ୍ତରେ ଆସନ୍ତା ୧୭ ତାରିଖରେ ବିସ୍ତୃତ ଆଲୋଚନା କରିବା ପାଇଁ ଲେଖି ଜଣାଇବା ପରେ ଯୁବକମାନେ ଓହରିଥିଲେ। ଏହି କନଭେୟର ବେଲ୍ଟ ଦୀର୍ଘ ୭ ଘଣ୍ଟା ଧରି ବନ୍ଦ କରାଯାଇଥିଲା। ସକାଳ ୧୧ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହୋଇଥିଲା ।



କନଭେୟର ବେଲ୍ଟକୁ ଯୁବକମାନେ ବନ୍ଦ କରିଛନ୍ତି।

## ବଜ୍ରପାତରେ ଜଣେ ମୃତ, ଜଣେ ଗୁରୁତର

ଲହୁଣୀପଡା, ୮।୪ (ଡି.ଏନ.ଏ)– ସୁନ୍ଦରଗଡ଼ ଜିଲା ଲହୁଣୀପଡା ଅଞ୍ଚଳରେ ଗୁରୁବାର ଅପରାହ୍ନରେ ବର୍ଷା ସାଙ୍ଗକୁ ପବନ, ବଜ୍ରପାତ ହୋଇଥିଲା। ବଜ୍ରପାତ ଯୋଗୁ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଲହୁଣୀପଡା ବ୍ଲକ ଅନ୍ତର୍ଗତ ଦର୍ଜିଂ ପଞ୍ଚାୟତ କୋଇଲିଝର ଗ୍ରାମରେ ଅପରାହ୍ନ ପ୍ରାୟ ସାଢ଼େ ୪ଟା ବେଳେ ପ୍ରବଳ ଝଡତୋଫାନ ହୋଇଥିଲା। କୋଇଲିଝର ଗ୍ରାମର ସ୍ୱର୍ଗତ ବାଜ ମହାକୁଡଙ୍କ ପୁଅ କ୍ଷୀତିଶ(୧୭) ଏବଂ ସେହି ଗ୍ରାମର ବନମାଳୀ ଧିବରଙ୍କ ପୁଅ ପ୍ରଶାନ୍ତ (୧୮) ଘରକୁ ଫେରୁଥିବା ବେଳେ ପ୍ରବଳ ଝଡବର୍ଷା ହେବାରୁ ଏକ ଗଛ ମୂଳରେ ଛିଡା ହୋଇଯାଇଥିଲେ । ଏହି ସମୟରେ ବଜ୍ରପାତ ହୋଇଥିଲା। କ୍ଷୀତିଶ ମହାକୁଡ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ପ୍ରଶାନ୍ତ ଧିବର ଗୁରୁତର ଆହତ ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଚିକିତ୍ସା ପାଇଁ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଖବର ପାଇ ଚାନ୍ଦିପୋଷ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଘଟଣାର ତଦନ୍ତ ଚଳାଇଛି।

**ସମାନ ସଂସ୍ଥାରେ ସମାନ ଦରମା ବୃଦ୍ଧି ଦାବି**

## ବିଏମ୍‌ଏସର ଧର୍ମଘଟ ଡାକରା

ରାଉରକେଲା ଅଫିସ, ୮।୪

ଭାରତୀୟ ଇସ୍ପାତ ମଜଦୁର ମହାସଂଘର ମିଟିଂ ବଲାଣିଠାରେ ଅନୁଷ୍ଠିତ ହୋଇଯାଇଛି। ଇସ୍ପାତ ଫେଡେରେସନର ପ୍ରଭାରୀ ତଥା ଭାରତୀୟ ମଜଦୁର ସଂଘର କେନ୍ଦ୍ରୀୟ ସମ୍ପାଦକ ଦେବେନ୍ଦ୍ର ପାଣ୍ଡେ ଭାରତମାତା ଚିତ୍ର ସାମନାରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଫେଡେରେସନର ସାଧାରଣ ସମ୍ପାଦକ ରାଜେନ୍ଦ୍ର ମାହାନ୍ତ ୩୧ ମାର୍ଚ୍ଚରେ ହୋଇଥିବା ଏନଜେସିଏସ ମିଟିଂରେ ଯାହାସବୁ ଘଟିଲା ତାହାର ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରଦାନ କରିଥିଲେ । ସେଲ କର୍ତ୍ତୃପକ୍ଷଙ୍କ ବେତନ ନିର୍ଦ୍ଧାରଣକୁ ନେଇ ଯେଉଁ ନକରାତ୍ମକ ମନୋଭାବ ଅଛି ତାହାକୁ ସମସ୍ତ ପ୍ରତିନିଧି ନିନ୍ଦା କରିଥିଲେ। ଶେଷରେ ନିମ୍ନଲିଖିତ ପ୍ରସ୍ତାବ ପାରିତ ହେଲା। ସେଲରେ ଶ୍ରମିକଙ୍କର ବେତନ ନିର୍ଦ୍ଧାରଣ ପାଇଁ ସମସ୍ତ ଏନ୍‌ଜେସିଏସ ୟୁନିୟନ ଏକମତ ହୋଇ ଲଢ଼ିବା ଦରକାର। ସେଥିପାଇଁ ଆଗାମୀ ୧୦ ତାରିଖରେ ବିଏମ୍‌ଏସ୍ ତରଫରୁ ଅନ୍ୟ ଏନ୍‌ଜେସିଏସ୍ ୟୁନିୟନର କେନ୍ଦ୍ରୀୟ ନେତୃବୃନ୍ଦକୁ ପତ୍ର ମାଧ୍ୟମରେ ନିମନ୍ତ୍ରଣ ଦିଆଯିବ ମିଳିତି ଆନ୍ଦୋଳନ ପାଇଁ। ୧୪ ଏପ୍ରିଲରେ ସନ୍ଧ୍ୟା ୪ଟା ଏକ ମିଳିତ ବୈଠକ ଦେବେନ୍ଦ୍ର ପାଣ୍ଡେଙ୍କ ନେତୃତ୍ୱରେ ଭିଡିଓ କନଫରେନ୍ସ ମାଧ୍ୟମରେ ଡକାଯିବ ଏବଂ ସେଠି ଯାହା ନିଷ୍ପତ୍ତି ହେବ ତାହାକୁ ବିଏମଏସ ମାନିବ। ସେ ବୈଠକରେ ବିଶେଷକରି କମନ୍ ଏଜେଣ୍ଡା ଏବଂ ଧର୍ମଘଟର ତାରିଖ ଉପରେ ଆଲୋଚନା ହେବ। ଏପ୍ରିଲ ୧୬ ତାରିଖରେ ସେଲର ସମସ୍ତ ୟୁନିଟରେ ଧର୍ମଘଟର ନୋଟିସ ଦେବ ଯେ, ୩ ମେରେ ୨୪ ଘଣ୍ଟା ପାଇଁ ସେଲର ସମସ୍ତ ୟୁନିଟ୍‌କୁ ବନ୍ଦ କରି ଦିଆଯିବ। ବିଗତ ଦିନରେ ସେଲ ତାର ଆର୍ଥିକ ଦୂରାବସ୍ଥାରୁ ବାହାରି ଏକ ଲାଭଜନକ ସଂସ୍ଥାରେ ଅଗ୍ରସର ହେଲାଣି। ବିଗତ ଦିନରେ ସେଲ ଚେୟାରମ୍ୟାନ ଘୋଷଣା କରିଥିଲେ ସେଲ ଋଣ ୫୨ ହଜାର କୋଟିରୁ କମି ଗୋଟିଏ ବର୍ଷରେ ୩୫ ହଜାର କୋଟିରେ ପହଞ୍ଚିଛି । ଆଜି ଯଦି ଗୋଟିଏ ବର୍ଷରେ ୧୭ ହଜାର କୋଟି ଋଣ ପରିଶୋଧ ହୋଇ ପାରିଛି ତେବେ ତାହା ସମସ୍ତ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ। ତେଣୁ ଦରମା ବିଷୟ ଆସିଲା ବେଳକୁ ସମସ୍ତଙ୍କୁ ସମାନ ଅନୁପାତିକ ଦରମା ବୃଦ୍ଧି ହେବା ଉଚିତ। ସେଲ କର୍ତ୍ତୃପକ୍ଷ ତୁରନ୍ତ ଏନଜେସିଏସ ମିଟିଂ ଡାକି ବେତନ ନିର୍ଦ୍ଧାରଣ ପ୍ରକ୍ରିୟା ସମ୍ପନ୍ନ କରନ୍ତୁ।

## ଅନ୍‌ଲାଇନ ପରୀକ୍ଷା ଦାବିକଲା ରାଉରକେଲା ଛାତ୍ର କଂଗ୍ରେସ

ରାଉରକେଲା ଅଫିସ, ୮।୪

ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟରେ ଅନ୍‌ଲାଇନ ପରୀକ୍ଷା ଓ ସମ୍ବଲପୁରରେ ଛାତ୍ରୀଛାତ୍ରଙ୍କ ଉପରେ ଲାଠିଚାର୍ଜ କରିଥିବା ପୋଲିସ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରି ରାଉରକେଲା ଛାତ୍ର କଂଗ୍ରେସ ପକ୍ଷରୁ ଗୁରୁବାର ବିକ୍ଷୋଭ କରାଯାଇଛି। ଜିଲା ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ହୋଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପାନପୋଷ ଉପଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କରୋନା ମହାମାରୀ ତାର କାୟା ବିସ୍ତାର କରିବାରେ ଲାଗିଛି। ଦୁଇଟି ପରୀକ୍ଷା ଅନଲାଇନରେ ଦେଲେ। ଛାତ୍ରୀଛାତ୍ରଙ୍କ ଜୀବନ ସହ ଖେଳି ଅଫ୍‌ଲାଇନ ପରୀକ୍ଷା କରାଇବା ପାଇଁ ନିଷ୍ପତି ନେଇଛନ୍ତି। ତେଣୁ ଶେଷ ପରୀକ୍ଷା ଅନଲାଇନ କରିବାକୁ ଦାବି କରାଯାଇଛି। ଛାତ୍ରୀଛାତ୍ରଙ୍କ ଦାବିକୁ ଅଣଦେଖା କରାଯାଏ, ଆଗାମୀ ଦିନରେ ଛାତ୍ର କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ସହ ଶିକ୍ଷାନୁଷ୍ଠାନରେ ତାଲା ପକାଇବ ବୋଲି ଚେତାବନୀ ଦେଇଛି। ରାଉରକେଲା ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ରାଉରକେଲା ଯୁବ ସଭାପତି ପ୍ରବୋଧ ଦାସ, ବାସୁଦେବ ବାନାର୍ଜି, ପୂର୍ବତନ ଛାତ୍ର ସଭାପତି ଶିବୁ ଦିପ୍, ଛାତ୍ର ଉପ-ସଭାପତି ସଦାବ ଅହମ୍ମଦ, ଯୁବ ଉପ-ସଭାପତି ପ୍ରସନ୍ନକିଆର ସିଂହ, ମଧୁସୁଦନ ଭୋଇନା, ଶେଖର ଦାସ, ବାବୁ ବିଶ୍ୱାଳ, ସାକିର ହୁସେନ, ମାନୁ ସାମଲ, ଶୁଶିଲ ରଣା, ସ୍ୱାଗତିକା ଦାସ ପ୍ରମୁଖ ଛାତ୍ର କଂଗ୍ରେସ କର୍ମୀ ଯୋଗଦେଇଥିଲେ।

## ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପରିଦର୍ଶନ, ସମୀକ୍ଷା

ସୁନ୍ଦରଗଡ, ୮।୪ (ଡି.ଏନ୍.ଏ)

ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଗୁରୁବାର ସୁନ୍ଦରଗଡ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଛନ୍ତି। କମିଶନର ପ୍ରଥମେ ଲେଫ୍ରିପଡା ବ୍ଲକର ସରଫଗଡ ଜଳସେଚନ ପ୍ରକଳ୍ପ ଦ୍ୱାରା ଜଳସେଚିତ ଅଞ୍ଚଳର ଚାଷୀମାନଙ୍କ ସହିତ ଆଲୋଚନା କରି କୃଷିକ୍ଷେତ୍ର ପରିଦର୍ଶନ କରିଥିଲେ। ଏଥିସହ ସୁର୍ଗୁଡାରେ ମା ଗୃହ, ମମତା ଗୃହ ପରିଦର୍ଶନ କରିବା ସହ ସେବକ ଅନୁଷ୍ଠାନରେ ଜିଲା ଖଣିଜ ପାଣ୍ଠି ସହାୟତାରେ ଚାଲିଥିବା ନଲେଜ ହବ୍ ସେଣ୍ଟର ପରିଦର୍ଶନ କରିଥିଲେ। ଏହାପରେ ବଡଗାଁ, କୁତ୍ରା ବ୍ଲକର ବିଭିନ୍ନ ରାସ୍ତାଘାଟ ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ବୁଲି ଦେଖିଥିଲେ। ସନ୍ଧ୍ୟାରେ ସୁନ୍ଦରଗଡ ପ୍ରଗତିମଣ୍ଡପଠାରେ ଏକ ବୈଠକରେ ଉନ୍ନୟନମୂଳକ କାର୍ଯ୍ୟଗୁଡିକର ସମୀକ୍ଷା କରିବା ସହ କୋଭିଡ ପରିଚାଳନା ଓ କଟକଣା ଉପରେ ଆଲୋଚନା କରି ଏହାକୁ ଠିକ ଭାବେ କାର୍ଯ୍ୟକାରୀ କରିବାକୁ ଜିଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଜିଲାପାଳ ନିଖିଲ ପବନ କଲ୍ୟାଣ, ଜିଲା ଗ୍ରାମ୍ୟ ଉନ୍ନୟନସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଅଧିକାରୀ ସୂଚନା ଦେଇ ନ ପାରିବାରୁ କମିଶନର ବିରକ୍ତ



ରାଜ୍ୟ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କୁତ୍ରା ପରିଦର୍ଶନ କରୁଛନ୍ତି।

**ୱାଡି ପ୍ରକଳ୍ପ ପରିଦର୍ଶନ କଲେ ରାଜ୍ୟ ଉନ୍ନୟନ କମିଶନର**

କୁତ୍ରା, ୮।୪ (ଡି.ଏନ.ଏ)

କୁତ୍ରାରେ ଲୋକଙ୍କୁ ଆତ୍ମନିର୍ଭରଶୀଳ କରି ଉଦ୍ୟାନ କୃଷି ପ୍ରତି ଆକୃଷ୍ଟ କରିବା ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ଆନୁକୂଲ୍ୟରେ ୧୪ ଜଣ ଚାଷୀଙ୍କ ମିଳିତ ଜମିରେ ୨୯.୪୭ ଏକର କାଜୁ ଗଛ ଓ ୯.୪ ଏକର ଆମ୍ବ ଗଛ ଲଗାଯାଇ ଏହି ପାଇଲଟ ପ୍ରକଳ୍ପ ଆରମ୍ଭ କରାଯାଇଛି। ଏଥିରେ ଆମ୍ବ, କାଜୁ, ଅମୃତଭାଣ୍ଡା, ତରଭୁଜ ସମେତ ବିବିଧ ଚାଷ କରାଯାଇଛି। ଏହି ଜମିଗୁଡିକୁ ପାଣି ଉପଲବ୍ଧ କରିବା ପାଇଁ ୭ଟି ଭୂତଳ ଜଳ ସମେତ ସୋଲାର ସିଷ୍ଟମ ପାଣି ବ୍ୟବସ୍ଥା ସାଙ୍ଗକୁ ଜମିଗୁଡିକୁ ତାରବାଡ ପାଇଁ ଟଙ୍କା ବିନିଯୋଗ କରାଯାଇଛି। ତେବେ ଏହାର କାର୍ଯ୍ୟକାରିତା ଦେଖିବା ପାଇଁ ଗୁରୁବାର ରାଜ୍ୟ ଉନ୍ନୟନ କମିଶନର ତଥା ଯୋଜନା ଏବଂ ସମନ୍ୱୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା କୁତ୍ରା ଆସି ଏହି ପ୍ରକଳ୍ପର ବିନିଯୋଗ ରାଶି ପଚାରି ବୁଝିବାବେଳେ ପ୍ରକଳ୍ପ ଅଧିକାରୀ କିମ୍ବା ଏନଜିଓ ସଂସ୍ଥା କି କୌଣସି ଅଧିକାରୀ ସୂଚନା ଦେଇ ପାରି ନ ଥିବାରୁ ବିରକ୍ତି ପ୍ରକାଶ କରିଥିଲେ। ସେହିପରି ହିତାଧିକାରୀ ଚାଷୀଙ୍କୁ ପ୍ରକଳ୍ପ ବାବଦରେ ପଚାରିବାରୁ ସେମାନେ ମଧ ଠିକ ଉତ୍ତର ଦେଇ ନ ପାରିବାରୁ ସେ ଆହୁରି ବିରକ୍ତ ହୋଇଥିଲେ। କାହିଁକି ଏଠି ଆମ୍ବ ଓ କାଜୁ ଗଛ ଲଗା ହୋଇଛି ବୋଲି ପ୍ରଶ୍ନ କରିଥିଲେ। ପରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଅଫିସ ଯାଇ ସମସ୍ତ କାଗଜପତ୍ର ଦେଖି ମୋତେ ପ୍ରକଳ୍ପର ସମସ୍ତ ସୂଚନା ଦେବ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତରେ ତାଙ୍କ ସହ ଓମ୍ବାଡସିର ସିଇଓ ଉମା ନନ୍ଦାରି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ଡିଏମ୍‌ଏଫ୍‌ର ବରିଷ୍ଠ ଅଧିକାରୀ ଓ ହିତାଧିକାରୀ ଚାଷୀ ଉପସ୍ଥିତ ଥିଲେ ।

## ଯୁବତୀଙ୍କୁ ପ୍ରତାରଣା: ଯୁବକ କୋର୍ଟ ଚାଲାଣ

ଲହୁଣୀପଡା, ୮।୪ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ସାନ ବାଲିଜୋର ଗ୍ରାମର ଜଣେ ଯୁବକ ସେହି ଗ୍ରାମର ଜନୈକ ଯୁବତୀ ସହିତ ଦୀର୍ଘ ଚାରିବର୍ଷ ପ୍ରେମ ସମ୍ପର୍କ ରଖିବା ପରେ ପ୍ରତାରଣା କରିଛନ୍ତି। ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରେମିକା ଗର୍ଭବତୀ ହେବାରୁ ସ୍ତ୍ରୀର ମାନ୍ୟତା ଦେବା ପାଇଁ ଦାବି କରିବାରୁ ଯୁବକ ବିଭିନ୍ନ ଆଳ ଦେଖାଇ ସମୟ ଗଡାଇ ଚାଲିଥିବାରୁ ନ୍ୟାୟ ଆଶାରେ ଯୁବତୀ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି । କେବଲାଙ୍ଗ ଥାନା ଅନ୍ତର୍ଗତ ସାନ ବାଲିଜୋର ଗ୍ରାମର ହାଲନ ମୁଣ୍ଡାର ପୁଅ ଆଲମନ ମୁଣ୍ଡା (୨୫) ସେହି ଅଞ୍ଚଳର ଜନୈକା ଯୁବତୀ ସହିତ ଦୀର୍ଘ ଚାରି ବର୍ଷ ହେଲା ପ୍ରେମ ସମ୍ପର୍କ ରଖି ଆସିଥିଲେ। ଗର୍ଭବତୀ ଯୁବତୀ ନିଜ ଘରେ ଘଟଣା ସମ୍ପର୍କରେ ପ୍ରକାଶ କରିଥିଲେ। ନ୍ୟାୟ ପାଇବା ଆଶାରେ କେବଲାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଅଭିଯୋଗକୁ ଗୁରୁତର ସହିତ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇବା ସହିତ ପ୍ରେମିକ ଆଲମନକୁ ଗିରଫ କରି ଡାକ୍ତରୀମାଇନା କରିବା ସହିତ ଗୁରୁବାର କୋର୍ଟ ଚାଲାଣ କରିଛି।

## ସହରର ବିଭିନ୍ନ ସମସ୍ୟା ନେଇ ଆଲୋଚନା

**ନାଗରିକ କମିଟି ସହ ବିଭିନ୍ନ ଅଞ୍ଚଳ ପରିଦର୍ଶନ କଲେ ପୌର ନିର୍ବାହୀ ଅଧିକାରୀ**



ପୌରନିର୍ବାହୀ ଅଧିକାରୀ ବିଭିନ୍ନ ସ୍ଥାନ ବୁଲି ସମସ୍ୟା ଅନୁଧ୍ୟାନ କରୁଛନ୍ତି।

ସୁନ୍ଦରଗଡ଼, ୮।୪ (ଡି.ଏନ୍.ଏ)

ସୁନ୍ଦରଗଡ଼ ସହରର ବିଭିନ୍ନ ସମସ୍ୟା ନେଇ ଗୁରୁବାର ସ୍ଥାନୀୟ ନାଗରିକ କମିଟିର ଏକ ପ୍ରତିନିଧି ଦଳ ପୌରନିର୍ବାହୀ ଅଧିକାରୀ ଡା. ପ୍ରଦୀପ କୁମାର ସାହାଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହା ପରେ ପୌରନିର୍ବାହୀ ଅଧିକାରୀ, ସହକାରୀ ଯନ୍ତ୍ରୀଙ୍କୁ ଧରି ନାଗରିକ କମିଟି ସହରର ବିଭିନ୍ନ ସ୍ଥାନ ବୁଲି ସମସ୍ୟା ଅନୁଧ୍ୟାନ କରିଛନ୍ତି। ସଫେଇ କାର୍ଯ୍ୟ ପାଇଁ ଟେଣ୍ଡର ମାଧ୍ୟମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା, ସହରର ମୁଖ୍ୟ ନାଳ ଓ ଡ୍ରେନଗୁଡିକ ନିୟମିତ ସଫା ହେଉ ନ ଥିବା ଯୋଗୁ ଏଗୁଡିକରେ ନର୍ଦ୍ଦମା ପାଣି ଜମି ରହି ମଶା, ମାଛି ବଂଶବୃଦ୍ଧି ପାଇ ବିଭିନ୍ନ ପ୍ରକାର ରୋଗ ବ୍ୟାଧିର କାରଣ ପାଲଟିଛି। ସହରର ଆଭ୍ୟନ୍ତର ଅଞ୍ଚଳରେ ଥିବା ରାସ୍ତାଘାଟ ଓ ଡ୍ରେନ୍‌ଗୁଡିକ ବର୍ଷବର୍ଷ ଧରି ସଫା କରାଯାଉ ନାହିଁ। ସେହିପରି ସହରରେ ଆଲୋକ ବ୍ୟବସ୍ଥା, ମଶାମରା ଅଭିଯାନ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାବେଳେ ପୌରପାଳିକା ଦୋକାନ ଗୃହଗୁଡିକ ରାସ୍ତା ଉପରକୁ ମାଡ଼ି ରହିଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ନାଗରିକ କମିଟିର ସଭାପତି ଅଶୋକ କୁମାର ଦାଶଙ୍କ ନେତୃତ୍ୱରେ ଏହି ଟିମ୍‌ରେ କାର୍ଯ୍ୟକାରୀ ସଭାପତି ସିଦ୍ଧାନ୍ତ କୁମାର ପଣ୍ଡା, ଉପସଭାପତି ହରଜେନ୍ଦ୍ର ସିଂ, ସମ୍ପାଦକ ଧର୍ମେଶ ପଟେଲ, ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ସୁରେନ୍ଦ୍ର ସ୍ୱର୍ଣ୍ଣକାର, ସତ୍ୟନାରାୟଣ ସାହୁ, ଅଜିତ ପ୍ରସାଦ, ପ୍ରଣବ ସିଂ, ପଞ୍ଚା ବାର୍ଲା, ସୁନୀଲ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

## ସୀମାନ୍ତରେ କୋଭିଡ୍ ପରୀକ୍ଷା ବାଧ୍ୟତାମୂଳକ ହେଉ

କୁଆଁରମୁଣ୍ଡା, ୮।୪ (ଡି.ଏନ.ଏ)

- କୁଆଁରମୁଣ୍ଡା, ବୀରମିତ୍ରପୁର ଅଞ୍ଚଳରୁ ୭ କରୋନା ପଜିଟିଭ୍ ଚିହ୍ନଟ
- ସମସ୍ତ ଆକ୍ରାନ୍ତ ବାହାର ରାଜ୍ୟ ଫେରନ୍ତା
- ସୁନ୍ଦରଗଡ଼ ଜିଲାରେ ବଢୁଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା

ରାଜ୍ୟରେ ଏବେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢିଚାଲିଛି। ସୁନ୍ଦରଗଡ଼ ଜିଲାରେ ମଧ୍ୟ ବଢୁଛି। ତେଣୁ ସୁନ୍ଦରଗଡ଼ ଜିଲା ସୀମାନ୍ତରେ କୋଭିଡ୍ ପରୀକ୍ଷା ବାଧ୍ୟତାମୂଳକ କରାଯାଉ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ସୀମାନ୍ତବର୍ତ୍ତୀ ଛତିଶଗଡ଼ ଓ ଝାଡଖଣ୍ଡ ରାଜ୍ୟରୁ ଓଡ଼ିଶାକୁ ଆସୁଥିବା ଯାତ୍ରୀମାନେ ହିଁ ଏହି ସଂକ୍ରମଣ ବୃଦ୍ଧିର କାରଣ। ଏହି ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ପ୍ରଶାସନ ପକ୍ଷରୁ ଓଡ଼ିଶା ସୀମାବର୍ତ୍ତୀ ଝାଡ଼ଖଣ୍ଡ ଓ ଛତିଶଗଡ଼ ସୀମାନ୍ତ ଫାଟକ ନିକଟରେ ପ୍ରତ୍ୟେକ ଦିନ ଚଳାଚଳ କରୁଥିବା ଯାତ୍ରୀବାହୀ ଯାନ ବିଶେଷକରି ବସ୍, କାର, ଟ୍ରକ୍ ଇତ୍ୟାଦିରେ ଥିବା ଯାତ୍ରୀମାନଙ୍କର କରୋନା ପରୀକ୍ଷା କରାଯିବା ନିତାନ୍ତ ଆବଶ୍ୟକ। ଓଡ଼ିଶାରେ କରୋନା ସଂକ୍ରମଣ ବଢାଉଥିବା ଜିଲାଗୁଡିକ ମଧ୍ୟରେ ବୁଧବାର ସୁନ୍ଦରଗଡ଼ ଜିଲା ରାଜ୍ୟରେ ୧ମ ସ୍ଥାନରେ ଥିବାବେଳେ ଗୁରୁବାର ୨ୟ ସ୍ଥାନରେ ରହିଛି। କାରଣ ଏହି ଜିଲା ପଡୋଶୀ ଝାଡ଼ଖଣ୍ଡ ଓ ଛତିଶଗଡ଼ ରାଜ୍ୟକୁ ଲାଗିଛି। ପ୍ରତ୍ୟେକ ଦିନ ରାଉରକେଲାରୁ ଗୟା, ରାଞ୍ଚି, ସିମଡେଗା ଇତ୍ୟାଦି ଅଞ୍ଚଳକୁ ଭାୟା ବୀରମିତ୍ରପୁର ଦେଇ ରାଉରକେଲାରୁ ଯାତ୍ରୀବାହୀ ବସ୍ ଯାତାୟାତ କରୁଛି। ମାତ୍ର ଉକ୍ତ ବସ୍‌ଗୁଡିକୁ ବୀରମିତ୍ରପୁର ସୀମାନ୍ତରେ ଓଡ଼ିଶା ମଧ୍ୟକୁ ପ୍ରବେଶ କିମ୍ବା ପ୍ରସ୍ଥାନ କଲା ବେଳେ ଯାତ୍ରୀମାନଙ୍କର କରୋନା ଟେଷ୍ଟ କରାଯିବା କଥା। ଯେଉଁମାନଙ୍କର କରୋନା ନେଗେଟିଭ୍ ରିପୋର୍ଟ ବାହାରିବ କେବଳ ସେହି ଯାତ୍ରୀମାନଙ୍କୁ ଯିବାକୁ ଅନୁମତି ଦିଆଯିବ। ଯେଉଁମାନଙ୍କର ପଜିଟିଭ୍ ରିପୋର୍ଟ ଆସିବ ସେମାନଙ୍କୁ ଚିହ୍ନଟ କରାଯାଇ କୋଭିଡ କେନ୍ଦ୍ରକୁ ପଠାଗଲେ ଏହି ସଂକ୍ରମଣ କିଛି ମାତ୍ରାରେ ରୋକାଯାଇପାରନ୍ତା । କେବଳ ରାଉରକେଲାରୁ ଝାଡଖଣ୍ଡ, ବିହାରକୁ ନୁହେଁ ଅନୁରୂପଭାବେ ପଡୋଶୀ ଛତିଶଗଡ଼ ରାଜ୍ୟକୁ ମଧ୍ୟ ବାଲିଶଙ୍କରା, ଝାରସୁଗୁଡା ସମେତ ଅନ୍ୟାନ୍ୟ ଅଞ୍ଚଳ ଦେଇ ଯାତ୍ରୀବାହୀ ବସ୍ ଚଳାଚଳ କରୁଛି। ହେଲେ ସୀମାନ୍ତ ନିକଟରେ ଉକ୍ତ ଯାତ୍ରୀବାହୀ ଯାନଗୁଡିକର ଯାତ୍ରୀମାନଙ୍କର କରୋନା ପରୀକ୍ଷା କରାଯାଉ ନ ଥିବାରୁ ସୁନ୍ଦରଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ କରୋନା ଗ୍ରାଫ ଏବେ ପ୍ରତିଦିନ ବଢି ଚାଲିଛି। ସୀମାନ୍ତରେ ଓଡ଼ିଶାକୁ ପ୍ରବେଶ କରୁଥିବା ସବୁଯାତ୍ରୀଙ୍କର କୋଭିଡ୍ ପରୀକ୍ଷା ବାଧ୍ୟତାମୂଳକ କରାଯାଉ ବୋଲି ମତପ୍ରକାଶ ପାଇଛି। କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଚଳିତ ଏପ୍ରିଲ ମାସର ପ୍ରଥମ ସପ୍ତାହରେ କୁଆଁରମୁଣ୍ଡା, ରାଏବୋଗା ଓ ବୀରମିତ୍ରପୁର ଅଞ୍ଚଳରୁ ୭ଜଣ କରୋନା ପଜିଟିଭ୍ ଚିହ୍ନଟ ହେଲେଣି। ସେମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତ ଆକ୍ରାନ୍ତ ବାହାର ରାଜ୍ୟ ଫେରନ୍ତା ବୋଲି ଜଣାପଡ଼ିଛି। ତେଣୁ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ସୀମାନ୍ତ ଫାଟକରେ ଯାତ୍ରୀବାହୀ ଯାନଗୁଡିକୁ ଚେକିଂକରି କରୋନା ପରୀକ୍ଷାକୁ ଜୋରଦାର କଲେ ଏହି ସଂକ୍ରମଣକୁ ରୋକାଯାଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ଗୁଟ୍‌ଖା ମୁକ୍ତ ଶିକ୍ଷାନୁଷ୍ଠାନ କାର୍ଯ୍ୟକ୍ରମ

ସମ୍ବଲପୁର, ୮।୪ (ବ୍ୟୁରୋ)- ଗୁଟ୍‌ଖା ମୁକ୍ତ ଶିକ୍ଷାନୁଷ୍ଠାନ କାର୍ଯ୍ୟକ୍ରମ ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡ. ବିଶ୍ୱମୋହନ ଜେନାଙ୍କ ପରିଚାଳନାରେ ସଭା ହୋଇଥିଲା। ବିର୍ଜୁ ବାଗ, ଅଂଶୁମାନ ବାରିକ, ଭବାନୀଶଙ୍କର ସିଂ ଶିକ୍ଷାନୁଷ୍ଠାନ ଗୁଟ୍‌ଖା ମୁକ୍ତ ରହିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। କଲେଜ ଅଧକ୍ଷ ଡ. ଶ୍ୟାମ ଭୋଇ, ଏନ୍‌ଟିସିପି କନ୍‌ସଲଟାଣ୍ଟ ସ୍ୱାଗତିକା ବେହେରା, ବନ୍ଦନାମୟୀ ନାଗ ବକ୍ତବ୍ୟ ପ୍ରଦାନ କରିଥିଲେ। କଲେଜ ଏନ୍‌ଏସ୍‌ଏସ୍ ଶାଖା, ସମ୍ବଲପୁର ଜିଲା ସ୍ୱାସ୍ଥ୍ୟ ସମିତି ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା ।

### ଆଜି କ'ଣ କେଉଁଠି

ସମ୍ବଲପୁର

- ମହିମା ଧର୍ମ ଓ କବି ଭୀମ ଭୋଇଙ୍କ ଦୃଷ୍ଟି ଏବଂ ଚେତନା ଆଧାରିତ ଚିତ୍ରକଳା କର୍ମଶାଳା, ଜିଏମ୍‌ୟୁ ଅମୃତ ବିହାର, ପୂର୍ବାହ୍ନ ସାଢ଼େ ୧୦ଟା

### ସଂକ୍ଷେପରେ

#### ବ୍ରାଉନସୁଗାର ଜବତ, ୩ ଗିରଫ

ସମ୍ବଲପୁର, ୮।୪ (ବ୍ୟୁରୋ)- ସମ୍ବଲପୁର ଟାଉନ ଥାନା ପୋଲିସ ଗୁରୁବାର ସାହୁ କଲୋନୀରେ ଚଢ଼ାଉ କରି ୭.୬ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତ ଧନୁପାଲି ଥାନା ସୋନାପାଲିର ମହମ୍ମଦ ଅରିଫ, ଚାରଭଟିର ବିକାଶ ଡ଼ୁକୁଆ ଓ ଟାଉନ ଥାନା ପଟ୍ଟନାଏକ ପଡାର ବଣ୍ଟି ପଧାନଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ବ୍ରାଉନସୁଗାର ବିକ୍ରି କରୁଥିବା ଖବର ପାଇ ପୋଲିସ ଚଢାଉ କରିଥିଲା। ଜବତ ବ୍ରାଉନ ସୁଗାର ମୂଲ୍ୟ ୧ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ସେମାନଙ୍କଠାରୁ ୩୭୪୦ ଟଙ୍କା, ୩ ମୋବାଇଲ ଓ ଦୁଇଟି ଦୁଇଚକିଆ ଗାଡି ଜବତ ହୋଇଛି। ଏ ନେଇ ଥାନାରେ ୨୧୪/୨୧ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

#### ଦଳିତ ନେତାଙ୍କ ବିୟୋଗରେ ଶୋକ

ସମ୍ବଲପୁର, ୮।୪ (ବ୍ୟୁରୋ)- ପଶ୍ଚିମ ଓଡିଶାର ଦଳିତ ନେତା ନାରାୟଣ ସୁନାଙ୍କ ବିୟୋଗରେ ଗୁରୁବାର ଶୋକ ପ୍ରକାଶ ପାଇଛି। ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ କର୍ମକର୍ତ୍ତାମାନେ ହୀରାକୁଦ ରେଲ୍‌ୱେ କଲୋନୀ ନିକଟ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ନିହାଲ ସିଂ, ଶିବଶଙ୍କର ପ୍ରଧାନ, ବାବା ବାଗ, ସୁରେଶ ବାଗ ପ୍ରମୁଖ ଶୋକବ୍ୟକ୍ତ କରିଥିଲେ।

#### ପ୍ରକଳ୍ପ କାମ ଚାଲିଛି, ଲାଗିନି ସୂଚନା ଫଳକ

କଣ୍ଟାବାଞ୍ଜି, ୮।୪(ଡି.ଏନ.ଏ.)-ବଲାଙ୍ଗୀର ଜିଲା ତୁରେକେଲା ବ୍ଲକର ବିଭିନ୍ନ ଗ୍ରାମରେ ବସୁଧା ଯୋଜନାରେ ପାଇପ ପାଣି ଯୋଗାଇବା ପାଇଁ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଉଛି । ଏହି ପରିପ୍ରେକ୍ଷୀରେ ଘୁନେଶ ପଞ୍ଚାୟତ ଅନ୍ତର୍ଗତ ବର୍ଲା ଗ୍ରାମରେ ଏକ ପାଣି ଟାଙ୍କି ନିର୍ମାଣ କରାଯାଉଛି। ନିର୍ମାଣରେ ସ୍ଥାନୀୟ କୌଣସି ଶ୍ରମିକଙ୍କୁ ନିୟୋଜିତ କରାଯାଇନାହିଁ। ବଙ୍ଗାଳି ଶ୍ରମିକଙ୍କୁ ସେଠାରେ ନିୟୋଜିତ ହୋଇଛନ୍ତି। କେଉଁ ସଂସ୍ଥାଦ୍ୱାରା ନିର୍ମାଣ କରାଯାଉଛି ଏବଂ ପ୍ରକଳ୍ପ ଅଟକଳ ମୂଲ୍ୟରେ କାର୍ଯ୍ୟ ହେଉଛି ତାହା ନିର୍ମାଣସ୍ଥଳରେ ସୂଚନା ଫଳକ ଲଗାଯାଇନାହିଁ । ସେହିପରି ଝରଣୀ ପଞ୍ଚାୟତର ରାମୋଡ ଗାଁରେ ଓଭରହେଡ ପାଣି ଟାଙ୍କି ନିର୍ମାଣରେ ସମାନ ଅବସ୍ଥା ଦେଖାଦେଇଛି। ବ୍ଲକ ଅନ୍ତର୍ଗତ ୧୯ ପଞ୍ଚାୟତରେ ଓଭରହେଡ ପାଣି ଟାଙ୍କି ନିର୍ମାଣ ସରିଥିଲେ ମଧ କୌଣସି ସ୍ଥାନରେ ସୂଚନା ଫଳକ ଲଗାଯାଇନାହିଁ । ଅଭିଯୋଗ ଉପରେ କଣ୍ଟାବାଞ୍ଜି ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲାପରେ ସୂଚନା ଫଳକ ଲଗାଯିବ ବୋଲି କହିଛନ୍ତି।

#### ମୋ କଲେଜ ଅଭିଯାନର ପ୍ରଥମ ବୈଠକ

ସୁନ୍ଦରଗଡ, ୮।୪ (ଡି.ଏନ୍.ଏ) -ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନର ପ୍ରଥମ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଧୀର କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୋ କଲେଜ ଅଭିଯାନର ସଦସ୍ୟଙ୍କ ସହ ପୁରାତନ ଛାତ୍ରମାନେ ମଧ୍ୟ ଯୋଗଦେଇଥିଲେ । ମୋ କଲେଜ ଅଭିଯାନର ସଂଯୋଜିକା ଡ. କୁମୁଦିନୀ ରାଉତରାୟ ଏହି ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରାଧ୍ୟାପକ ଡ. ଲଳିତ ରଂଜନ ସାହୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ଏହାର ସମାଧାନ ଦିଗରେ ସମସ୍ତଙ୍କର ସହଯୋଗ କରିଥିଲେ। ଏ ଅଭିଯାନର ସଫଳ ରୂପାୟନ ଦିଗରେ ଉପସ୍ଥିତ ସଦସ୍ୟମାନେ ନିଜ ମତ ରଖିଥିଲେ। ବୈଠକରେ ପୂର୍ବତନ ଅଧ୍ୟକ୍ଷ ଡ. କିଶୋର ଦାଶ, ପୁରାତନ ଛାତ୍ର ଇଂ ଦିଲୀପ ପଟେଲ, ବିଶ୍ୱରଞ୍ଜନ ହୋତା, ସୁମନ୍ତ ପଣ୍ଡା, ଜୟନାରାୟଣ ତ୍ରିପାଠୀ, ଡା. ବିକ୍ରାନ୍ତ କିଣ୍ଡୋ, ପ୍ରଦୀପ ବହିଦାର ଉପସ୍ଥିତ ଥିଲେ।

# ଡିଏଫ୍‌ଓ ଅଫିସ ଘେରିଲେ ଲୋକେ

### ଝାଙ୍କରପାଲି ଫରେଷ୍ଟ ବିଟ୍ ଅଞ୍ଚଳରେ ହାତୀ ଉପଦ୍ରବ

- ମିଳୁନି କ୍ଷତିପୂରଣ, ଧନଜୀବନ ବିପଦରେ
- କାର୍ଯ୍ୟରେ ଅବହେଳା କରୁଛନ୍ତି ବନ କର୍ମଚାରୀ
- ୩ଦିନ ଭିତରେ ସମାଧାନ ପ୍ରତିଶ୍ରୁତି

ସମ୍ବଲପୁର,୮।୪(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଝାଙ୍କରପାଲି ଫରେଷ୍ଟ ବିଟ୍ ଅଧୀନ ବିଭିନ୍ନ ଗ୍ରାମରେ ହାତୀପଲ ଓ ଏକ ଦନ୍ତା ହାତୀ ଉତ୍ପାତ କରିଆସୁଛନ୍ତି। ଦିନତମାମ ଗ୍ରାମ ନିକଟ ଜଙ୍ଗଲରେ ରହି ସନ୍ଧ୍ୟା ହେଲେ ଗାଁକୁ ଚାଲିଆସୁଛନ୍ତି। ଘରଦ୍ୱାର ଭାଙ୍ଗିବା ସହ ଗଚ୍ଛିତ ରହିଥିବା ଧାନଚାଉଳ ଖାଇ ଦେଉଛନ୍ତି। ବାରିରେ ହୋଇଥିବା ପନିପରିବା ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରି ଦେଉଛନ୍ତି। ଏସବୁ ସତ୍ତ୍ୱେ କ୍ଷତିପୂରଣ ମିଳୁନାହିଁ। ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ଦାବିରେ ଗୁରୁବାର ବିଭିନ୍ନ ଗ୍ରାମର ଲୋକେ ଡିଏଫ୍‌ଓଙ୍କ ଅଫିସ ଘେରାଉ କରିଥିଲେ। ଏହାସହ ବନ କର୍ମଚାରୀ, ସ୍ଥାନୀୟ ଫରେଷ୍ଟର, ରେଞ୍ଜର କାର୍ଯ୍ୟରେ ଅବହେଳା କରୁଥିବାରୁ ସେମାନଙ୍କୁ ଅନ୍ୟତ୍ର ବଦଳି କରାଯାଉ ବୋଲି ସେମାନେ ଦାବି କରିଥିଲେ। ଏହାକୁ ନେଇ ଡିଏଫ୍‌ଓ ଅଫିସରେ ପ୍ରାୟ ୨ ଘଣ୍ଟା ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଏକ ପ୍ରତିନିଧି ଦଳ



ଡିଏଫ୍‌ଓ ଅଫିସ ଘେରାଉ କରାଯାଇଛି।

ଡିଏଫ୍‌ଓ ସଞ୍ଜିତ କୁମାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଡିଏଫ୍‌ଓ ତିନିଦିନ ଭିତରେ ସମସ୍ୟା ସମାଧାନ କରାଯିବାକୁ ଚେଷ୍ଟା କରାଯିବ ବୋଲି କହିଥିଲେ। ଏହାସହ ବନ କର୍ମଚାରୀଙ୍କ ବଦଳି ଏହାର ପ୍ରତିକାର ନୁହେଁ। ହାତୀ ଘଉଡାଇବା ପାଇଁ ଅଧିକ କର୍ମଚାରୀ ନିୟୋଜିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ମାରୱାଡି ବନ୍ଧ, ଠର୍ଲି, ମୁଣ୍ଡେର, ଜାମଟାଲ, ଭବାନୀପାଲି, ବାବୁପାଲି, ବଲାରଗା, କିର୍ତ୍ତିପୁର ପ୍ରଭୃତି ଗ୍ରାମରେ ପ୍ରାୟ ୨ମାସ ହେଲା ହାତୀପଲ ଉପଦ୍ରବ ଚଳାଇଛନ୍ତି। ସେମାନେ ସନ୍ଧ୍ୟା ସମୟରେ ଗାଁ ମୁହାଁ ହେଉଛନ୍ତି। ହାତୀପଲରେ ଥିବା ଏକ ଦନ୍ତା ହାତୀ ଘର ଭାଙ୍ଗି ଚାଲିଛି। ହାତୀ ଆକ୍ରମଣରେ ପ୍ରାୟ ୬ଜଣଙ୍କ ମୃତ୍ୟୁ ଘଟିଲାଣି। ବନ ବିଭାଗ ଆବଶ୍ୟକ ପଦକ୍ଷେପ ନେଇ ଏହି ହାତୀପଲକୁ ଅନ୍ୟତ୍ର ଘଉଡାଇବାକୁ ବ୍ୟବସ୍ଥା କରିବା ଉଚିତ। ବହୁ କଷ୍ଟରେ ଧାନ ଓ ପନିପରିବା ଚାଷ କରାଯାଉଛି। ଏହି ସମୟରେ ହାତୀପଲ ଆସି ଅମଳ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଦେଉଛନ୍ତି। କ୍ଷତିପୂରଣ ପାଇଁ ବାରମ୍ବାର ବନ ବିଭାଗକୁ ଅନୁରୋଧ କରାଯାଉଛି। ବନ ବିଭାଗ ମଧ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ତିଆରି କରୁଛି। ହେଲେ ବାସ୍ତବରେ କ୍ଷତିପୂରଣ ରାଶି ପ୍ରଦାନ କରାଯାଉ ନାହିଁ। କେତେଜଣ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଇଥିଲେ ବି ତାହା ଖର୍ଚ୍ଚଠାରୁ ବହୁତ କମ୍। ପରିବା ଫସଲ ପାଇଁ ଏକର ପିଛା ୨୦୦ରୁ ୫୦୦ ଟଙ୍କା ଦେଉଛନ୍ତି। ହେଲେ ଏଥିରେ ୧ ହଜାରରୁ ଅଧିକ ଟଙ୍କା ଖର୍ଚ୍ଚ ହେଉଛି। ଏହା ଦ୍ୱାରା ଆର୍ଥିକ ସ୍ଥିତି ଉପରେ ପ୍ରଭାବ ପଡୁଛି। ହାତୀମାନଙ୍କ ସୁରକ୍ଷା ସହିତ ଲୋକଙ୍କ ଧନଜୀବନ ସୁରକ୍ଷା ବନ ବିଭାଗର ଦାୟିତ୍ୱ। ତେଣୁ ହାତୀ ପଲଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରି ଲୋକମାନଙ୍କୁ ସୁରକ୍ଷା ଦିଅନ୍ତୁ ବୋଲି ଦାବି କରିଥିଲେ। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ସଦର ଏସ୍‌ଡିପିଓ ତପନ କୁମାର ମହାନ୍ତି, ଧନୁପାଲି ଥାନା ଅଧିକାରୀ ପ୍ରଶାନ୍ତ ସାମଲଙ୍କ ସମେତ ପୋଲିସ ମୁତୟନ ରହିଥିଲେ ।

## ରୋହନ ହତ୍ୟା ମାମଲାର ପର୍ଦ୍ଦାଫାଶ

### ୪ ଅଭିଯୁକ୍ତ ଗିରଫ

ସମ୍ବଲପୁର, ୮।୪ (ବ୍ୟୁରୋ)

ଅଇଁଠାପାଲି ଥାନା ବରେଇପାଲି ନିକଟ ଏକ ପରିତ୍ୟକ୍ତ ଘରୁ ନିଖୋଜ ରୋହନ ପ୍ରଧାନ (୩୦)ଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ଶିବନାଥ ଓରାମ (୨୪), ବିକାଶ ମୁଣ୍ଡା (୧୯), କୁନୁ ବାଗ୍ ଓ ଜଣେ ନାବାଳକଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଛୁରି ଓ ଅନ୍ୟ ମାରଣାସ୍ତ୍ର ଜବତ ହୋଇଛି। ସୂଚନାଯୋଗ୍ୟ ଯେ, ଏପ୍ରିଲ ୫ ତାରିଖରେ ବରେଇପାଲିର ଏକ ଦୋକାନ ପଛପଟ ପରିତ୍ୟକ୍ତ ଘରେ ଗଳିତ ମୃତଦେହ ପଡିଥିବା ନେଇ ଲୋକେ ପୋଲିସକୁ ଖବର ଦେଇଥିଲେ। ଅଇଁଠାପାଲି ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ମୃତକ ରୋହନ ପ୍ରଧାନ ବରେଇପାଲିର ବୋଲି ଜଣାପଡିଥିଲା। ପୋଲିସ ପ୍ରାଥମିକ ତଦନ୍ତରୁ ହତ୍ୟା ହୋଇଥିବା ନେଇ ସନ୍ଦେହ କରିଥିଲା। ଅନ୍ୟପଟେ ରୋହନ ନିଖୋଜ ଥିବା ନେଇ ତାଙ୍କ ମାଆ ଅଇଁଠାପାଲି ଥାନାରେ ଏପ୍ରିଲ ୨ ତାରିଖରେ ଅଭିଯୋଗ କରିଥିଲେ । ପୋଲିସ ୧୮୪/୨୧ରେ ହତ୍ୟା ମାମଲା ରୁଜୁ କରିଥିଲା।

# ୧୦ରୁ ଜିଲାରେ କିଣାଯିବ ଧାନ




ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି।

### ଜିଲାସ୍ତରୀୟ ଡିଏଲ୍‌ପିସି ବୈଠକ

ଝାରସୁଗୁଡ଼ା ଅଫିସ୍,୮।୪

ଝାରସୁଗୁଡ଼ା ଜିଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଗୁରୁବାର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଚଳିତବର୍ଷ ରବି ଧାନ ସଂଗ୍ରହକୁ ନେଇ ଜିଲାସ୍ତରୀୟ ଡିଏଲ୍‌ପିସି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ଜିଲାପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ପଟେଲ, ଏମ୍‌ପି ପ୍ରତିନିଧି ରଘୁ ନନ୍ଦନ ପଣ୍ଡା, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଉମେଶ ଚନ୍ଦ୍ର ସ୍ୱାଇଁ, ଜିଲା କୃଷକ ସଙ୍ଗଠନ ସଭାପତି ଦିଲୀପ ବଡେଇ, ପ୍ରବକ୍ତା ବିରଞ୍ଚି ସାହୁ, ମହାସଚିବ ହେମସାଗର କୁମୁରା, ଉପସଭାପତି ଶରତ ପଟେଲ, ଗୋପୀନାଥ ମାଝି, ପଞ୍ଚାନନ ପ୍ରଧାନ, ଗୋଲାପ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ୧୦ତାରିଖରୁ ଚଳିତ ରବିଋତୁର ଧାନ ସଂଗ୍ରହ ପାଇଁ ଦିନଧାର୍ଯ୍ୟ କରାଯାଇଛି । ଏଥିମଧ୍ୟରେ ସମସ୍ତ ଜିଲାର ୧୮ଟି ପାକ୍ସ ମାଧ୍ୟମରେ ଧାନ ସଂଗ୍ରହ କରାଯିବ ବୋଲି କୁହାଯାଇଛି। ୧୫ଦିନର ସମୟସୀମା ମଧ୍ୟରେ ଧାନବିକ୍ରୟ କରିବାର ସୁବିଧା ରହିଛି। ଚାଷୀମାନେ ଧାନବିକ୍ରି ସମୟରେ ନିଜ ଆଧାରକାର୍ଡ ପ୍ରଦାନ କରିବା ପାଇଁ ବାଧ୍ୟତାମୂଳକ କରାଯାଇଛି । ଏ ନେଇ ବିଧାୟକ ମହାନ୍ତି କହିଥିଲେ, ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତିନିୟମ ଅନୁଯାୟୀ ଜିଲାର ସମସ୍ତ ଚାଷୀ ଯେମିତି ସୁବିଧା ପାଇପାରିବେ ଏ ଦିଗରେ ଦୃଷ୍ଟି ଦିଆଯିବ। ବୈଠକରେ ଜିଲା ଯୋଗାଣ ଅଧିକାରୀ ସ୍ୱାଇଁ ଧାନ ସଂଗ୍ରହ ନିୟମ ସମ୍ପର୍କରେ ସୂଚନା ଦେଇଥିଲେ ।

## ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଉପରେ କର୍ମଶାଳା

ସମ୍ବଲପୁର, ୮।୪ (ବ୍ୟୁରୋ)

ସମ୍ବଲପୁର ଜିଲା ଧନକଉଡା ବ୍ଲକ କନଖୁଣ୍ଡା ପଞ୍ଚାୟତରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କନଖୁଣ୍ଡା ସରପଞ୍ଚ କନକ ସାହୁ ସଭାପତିତ୍ୱ କରିଥିଲେ। ଜିଲା କୃଷି ବିଭାଗ ପକ୍ଷରୁ ଅଧିକାରୀମାନେ ଉପସ୍ଥିତ ରହି ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବ୍ୟବହାର ଉପରେ ବୁଝାଇଥିଲେ। ମୃତ୍ତିକା ପରୀକ୍ଷା କରିବାକୁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା। କମ୍ ପରିମାଣରେ ରାସାୟନିକ ସାର ପ୍ରୟୋଗ କରି ଜୈବିକ ସାର ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିରେ ମାଟିର ଅମଳ କ୍ଷମତା ବୃଦ୍ଧି ପାଇବ ବୋଲି ଅଧିକାରୀମାନେ କହିଥିଲେ। ଅନ୍ୟମାନଙ୍କ ମଧରେ କୃଷକ ସାଥି ନରେଶ ନାୟକ, ଗୋକୁଳ ନନ୍ଦ ନାୟକଙ୍କ ସମେତ ଅଞ୍ଚଳର ଚାଷୀମାନେ ଉପସ୍ଥିତ ରହିଥିଲେ ।

## ଆର୍‌ଡିସିଙ୍କୁ ଭେଟିଲା ନାଗରିକ କଲ୍ୟାଣ ସମିତି



ଆର୍‌ଡିସି ଅଫିସ ସମ୍ମୁଖରେ ନାଗରିକ କଲ୍ୟାଣ ସମିତି ସଦସ୍ୟ ।

- ପଶ୍ଚିମ ଓଡିଶାରେ ସ୍ୱାସ୍ଥ୍ୟସେବା ସମସ୍ୟା
- ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ସମ୍ବଲପୁର,୮।୪(ବ୍ୟୁରୋ)

ପଶ୍ଚିମ ଓଡିଶାର ବିଭିନ୍ନ ଜିଲାରେ ସ୍ୱାସ୍ଥ୍ୟସେବା ସମସ୍ୟା ଓ ଏହାର ସମାଧାନ ଦାବି ନେଇ ଉତ୍ତରାଞ୍ଚଳ ଆର୍‌ଡିସି ଅନୀଲ ସାମଲଙ୍କୁ ଗୁରୁବାର ନାଗରିକ କଲ୍ୟାଣ ସମିତି କର୍ମକର୍ତ୍ତା ଭେଟିଛନ୍ତି। ସେମାନେ ସମ୍ବଲପୁରରେ ନ୍ୟାଶନାଲ ସେଣ୍ଟର ଅଫ ଡିଜିସ କଣ୍ଟ୍ରୋଲ କେନ୍ଦ୍ର, ସୁନ୍ଦରଗଡରେ ରାଜ୍ୟର ଏମ୍ସ ମେଡିକାଲ, ଝାରସୁଗୁଡ଼ାରେ ଇଏସ୍‌ଆଇ ମେଡିକାଲ ନିର୍ମାଣ କରିବାକୁ ଦାବି କରିଥିଲେ। ଏହାସହ ବଲାଙ୍ଗୀର, ସୋନପୁର, ବରଗଡ, କଳାହାଣ୍ଡି, ନୂଆପଡା ଜିଲାରେ ଚାଲିଥିବା ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସଦର ଡାକ୍ତରଖାନାରେ ଡାଇଲିସିସ୍ ସେବା ଶୀଘ୍ର ଉପଲବ୍ଧ କରିବାକୁ ଦାବି କରାଯାଇଥିଲା। ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସମ୍ବଲପୁର ନାଗରିକ କଲ୍ୟାଣ ସମିତି ସଭାପତି ମହେନ୍ଦ୍ର ମିଶ୍ର, ଡାକ୍ତର ସଞ୍ଜୀବ ମିଶ୍ର, ଫଣିନ୍ଦ୍ର ପ୍ରଧାନ, ଡାକ୍ତର ରାଜକୁମାର ବଡପଣ୍ଡା, ଇଂ. ବିକାଶ ଦାସ ଉପସ୍ଥିତ ଥିଲେ।

## ରେଲ୍‌ୱେ ସ୍କାନିଂ କାର୍ଯ୍ୟକୁ ପ୍ରାଥମିକ ଶିକ୍ଷକ ସଂଘର ବିରୋଧ

ସମ୍ବଲପୁର, ୮।୪ (ବ୍ୟୁରୋ)

ସ୍କୁଲ ଓ ଗଣଶିକ୍ଷା ବିଭାଗ ନିୟମାନୁସାରେ ଶିକ୍ଷକମାନେ ଜନଗଣନା, ବିପିଏଲ, ନିର୍ବାଚନ ଓ ଜାତୀୟ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟ କରୁଛନ୍ତି। କରୋନା ମହାମାରୀ ସମୟରେ ମଧ ବିବିଧ କାର୍ଯ୍ୟ କରିଥିବା ନଜିର ରହିଛି। ଏହା ସତ୍ତ୍ୱେ ସମ୍ବଲପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ତ୍ରିପାଠୀ ଏପ୍ରିଲ ୬ ତାରିଖରେ ଚିଠି ଯୋଗେ ଶିକ୍ଷକମାନଙ୍କୁ ରେଲ୍‌ୱେ ସ୍କାନିଂ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକୁ ପ୍ରାଥମିକ ଶିକ୍ଷକ ସଂଘ ବିରୋଧ କରିଛି। ଏ ନେଇ ସମ୍ବଲପୁର ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଗୁରୁବାର ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଣ୍ଡଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲା ସଭାପତି ରାଜକିଶୋର ସାହୁ, ସର୍ବଭାରତୀୟ ପ୍ରାଥମିକ ଶିକ୍ଷକ ସଂଘ ପରିଷଦ ସଭ୍ୟ ବବ୍ରୁବାହନ ଭୋଇ, ଭୋଜରାଜ ପ୍ରଧାନ, ଦିଲୀପ କୁମାର ବହିଦାର, ନବୀନ କୁମାର ନନ୍ଦ, ଚେରୁ ପାତ୍ର, ଉପେନ୍ଦ୍ର କୁମାର ପ୍ରଧାନ, ଗଣେଶ୍ୱର ଶ୍ରୀଚନ୍ଦନ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ।

## ବିଦେଶୀ ମଦଦୋକାନ ନିଲାମ ଶେଷ

### ଲଟେରି ଉଠାଣ କଲେ ଜିଲାପାଳ




ଜିଲାପାଳ ଲଟେରି ଉଠାଣ କରୁଛନ୍ତି ।

ସମ୍ବଲପୁର,୮।୪(ବ୍ୟୁରୋ)

ସମ୍ବଲପୁର ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଗୁରୁବାର ବିଦେଶୀ ମଦ ଦୋକାନ ନିଲାମ ପ୍ରକ୍ରିୟା ଶେଷ ହୋଇଛି। ଲଟେରି ମାଧମରେ ନୂତନ ଲାଇସେନ୍ସଧାରୀ ଚୟନ କରାଯାଇଥିଲା। ଜିଲାପାଳ ଶୁଭମ୍ ସକ୍‌ସେନା ଉପସ୍ଥିତ ରହି ପ୍ରତ୍ୟେକ ଦୋକାନ ପାଇଁ ଲଟେରି ଉଠାଣ କରିଥିଲେ। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିଥିଲା। ଦୋକାନ ଅନୁସାରେ ପର୍ଯ୍ୟାୟକ୍ରମେ ଆବେଦନକାରୀଙ୍କୁ ହଲ୍ ଭିତରକୁ ଡକାଯାଇଥିଲା। ଲଟେରି ପ୍ରକ୍ରିୟାର ଭିଡିଓ କରାଯିବା ସହ ଡିଆର୍‌ଡିଏ ଅଫିସ ବାହାରେ ସ୍କ୍ରିନରେ ଲାଇଭ ପ୍ରଦର୍ଶନ ହେଉଥିଲା। ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ହରିଶ୍ଚନ୍ଦ୍ର ସେଠୀ କହିଛନ୍ତି, ପ୍ରାୟ ୧୩ବର୍ଷ ପରେ ନୂତନ ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍ୱଚ୍ଛତା ରକ୍ଷା ପାଇଁ ଲଟେରି କରାଯାଇଥିଲା। ଜିଲାରେ ୩୧ ବିଦେଶୀ ମଦ ଦୋକାନ ରହିଛି। ଏଥିପାଇଁ ମୋଟ ୫୧୯ଜଣ ଆବେଦନ କରିଥିଲେ। ଆର୍ଥିକବର୍ଷ ୨୦୨୧-୨୨ ପାଇଁ ୩ଦିନ ଭିତରେ ଲାଇସେନ୍ସ ପ୍ରଦାନ କରାଯିବ। ମେ ୧ ତାରିଖଠାରୁ ଏହା ବୈଧ ରହିବ।

# ପର୍ଯ୍ୟବେକ୍ଷକଙ୍କ କୋଭିଡ୍ ପରିଚାଳନା ସମୀକ୍ଷା

### ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ

ଝାରସୁଗୁଡ଼ା ଅଫିସ,୮।୪

ଝାରସୁଗୁଡ଼ା ଜିଲାରେ କୋଭିଡ୍ ପରିଚାଳନା ପାଇଁ ନିୟୋଜିତ ହୋଇଥିବା ପର୍ଯ୍ୟବେକ୍ଷକ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଜିଲା ଗସ୍ତରେ ଆସି ଜିଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଗୁରୁବାର ଏକ ସମୀକ୍ଷା ବୈଠକ କରିଥିଲେ। ଏଥିରେ ଜିଲାପାଳ ସରୋଜ କୁମାର ସାମଲ, ଏସ୍‌ପି ବିକାଶ ଚନ୍ଦ୍ର ଦାସ, ଅତିରିକ୍ତ ଜିଲାପାଳ ଲିଲି କୁମାରୀ କୁଲୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଉପଜିଲାପାଳ ଶିବ ଟପ୍ପୋ, ସିଡିଏମ୍‌ଓ ଲାଲମୋହନ ରାଉତରାୟ, ଡେପୁଟି କଲେକ୍ଟର ଅଶ୍ୱିନୀ କୁମାର ପଣ୍ଡା, ନିବେଦିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ କୋଭିଡ୍ ପରୀକ୍ଷା, ସକ୍ରିୟ କେସ୍ ସଂଖ୍ୟା, ଟିକାକରଣ, ବିମାନ ବନ୍ଦର, ରେଳଷ୍ଟେଶନ ଆଦିରେ ଯାତ୍ରୀମାନଙ୍କ ସ୍କ୍ରିନିଂ ଓ କୋଭିଡ୍ ଡାକ୍ତରଖାନାରେ ଚିକିତ୍ସା ସୁବିଧା ସମ୍ପର୍କରେ ସମୀକ୍ଷା କରି କୋଭିଡ୍ ସଂକ୍ରମଣ ରୋକିବା ପାଇଁ ସମସ୍ତ




ସମୀକ୍ଷା ବୈଠକରେ ଉପସ୍ଥିତ ଥିବା ଅଧିକାରୀମାନେ।

ପ୍ରକାର ପ୍ରତିଷେଧ ମୂଳକ ପଦକ୍ଷେପ ଗ୍ରହଣ ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନରେ ସାମାଜିକ ଦୂରତା ରକ୍ଷା ଓ ମାସ୍କ ପରିଧାନ ଯେପରି କଡାକଡି ଭାବେ ପାଳନ କରାଯାଏ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କଣ୍ଟେନ୍‌ମେଣ୍ଟ ଜୋନ୍ ମଧ୍ୟରୁ କେହି ଯେମିତି ବାହାରକୁ ନ ଆସନ୍ତି ଏ ଦିଗରେ ସତର୍କତା ଅବଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍ ସଂକ୍ରମଣ ରୋକିବା ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଜିଲାର କୋଭିଡ୍ ସ୍ଥିତିକୁ ନେଇ ଜିଲାପାଳ ସାମଲ ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନା କରିଥିଲେ।

**କଳାହାଣ୍ଡି ସୀମାରେ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି**

କୋକସରା: କଳାହାଣ୍ଡି ଜିଲାରେ କରୋନାର ଦ୍ୱିତୀୟ ଲହର ସଂକ୍ରମଣ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଜିଲାର ବିଭିନ୍ନ ସୀମାରେ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରାଯାଇଛି। ଜିଲାର ସୀମାନ୍ତ କୋକସରା ବ୍ଲକ ଆମପାଣି ଘାଟି ରାସ୍ତାରେ ବ୍ଲକ ପ୍ରଶାସନ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା ଜୋରସୋର କରାଯାଇଛି। ଜିଲା ତଥା ରାଜ୍ୟ ବାହାରୁ ଯାଆଆସ୍ କରୁଥିବା ଲୋକମାନଙ୍କ ତଥ୍ୟ ସଂଗ୍ରହ କରାଯାଇ ସହିତ ସମସ୍ତଙ୍କୁ ମାସ୍କ ବ୍ୟବହାର ବାଧ୍ୟତା କରାଯାଉଛି। ବ୍ଲକ ପ୍ରଶାସନ ପକ୍ଷରୁ ସମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା, ଡବ୍ଲୁଏଓ ଦାମୋଦର ବିଶ୍ୱାଳ, ତହସିଲ ପକ୍ଷରୁ ଆରଆଇ, ଏଆରଆଇ ଓ ବନ ବିଭାଗ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି।

## ସଂକ୍ଷେପରେ

### ବ୍ଲକସ୍ତରୀୟ ପ୍ଲାନିଂ କମିଟି ବୈଠକ

ଅମରପାଲି, ୮।୪(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକସ୍ତରୀୟ ପ୍ଲାନିଂ କମିଟିର ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷ ସନ୍ତୋଷ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଡିଓ ମୋତିଲାଲ ସୁଲିଆ ପ୍ରାରମ୍ଭିକ ବିବରଣୀ ପ୍ରଦାନ କରିଥିଲେ। ବିଶେଷକରି ବିଜୁ କେବିକେର ବିଭିନ୍ନ ଯୋଜନା ଓ ଏହାର କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଗାୟତ୍ରୀ ପାଣିଗ୍ରାହୀ, ସୁବଳୟା ସମିତି ସଭ୍ୟ ରଞ୍ଜିତ ରଥ, ଲୁତୁରପଙ୍କ ସମିତି ସଭ୍ୟ ଲବ କୁମାର ସାହୁ, ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ ପ୍ରମୁଖ ଯୋଗଦେଇଥିଲେ। ବିନିତ ଲାକ୍ରା, ଜିପିଓ ବିଶ୍ୱମ୍ଭର ଶତପଥୀ, ସମିତି ସଭ୍ୟ ଦିଲୀପ ଜଗଦଲା, ସବିତା ମିଶ୍ର, ରୀତା ପଧାନ, ରୁନୁ ସେଠ ପ୍ରମୁଖ ଉପସ୍ଥିତ ଥିଲେ ।

### କାର୍ଯ୍ୟକାରୀ ହୋଇପାରୁନି ଆମ ଶୌଚାଳୟ




ଖଡିଆଳ, ୮।୪ (ଡି.ଏନ.ଏ.)- ନୂଆପଡା ଜିଲା ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ସ୍ଥାନରେ ଆମ ଶୌଚାଳୟ ନିର୍ମାଣ ଶେଷ ହୋଇ ବର୍ଷ ବର୍ଷ ବିତିଯାଇଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇପାରୁନି। ଶୌଚାଳୟରେ ସମସ୍ତ ସୁବିଧା ଥାଇ ମଧ ଆରମ୍ଭ ହୋଇ ନ ପାରିବାରୁ ଖଡିଆଳବାସୀ ତଥା ବାହାରୁ ଆସୁଥିବା ଲୋକେ ଅସୁବିଧା ସମ୍ମୁଖିନ ହେଉଥିବା ଦେଖିବାକୁ ମିଳିଛି। ସେହିପରି ଖଡିଆଳ ସହରରେ ଆଜି ପର୍ଯ୍ୟନ୍ତ କୌଣସି ପାଖରେ ପରିସ୍ରା ଘର ତିଆରି ହୋଇପାରିନି। ଫଳରେ ବାହାରୁ ଆସୁଥିବା ଲୋକେ ଖୋଲାରେ ପରିଶ୍ରା କରୁଥିବା ଦେଖିବାକୁ ମିଳିଛି। ଜିଲା ପ୍ରଶାସନ ଦୃଷ୍ଟିଦେଇ ଶୀଘ୍ର ଏହି ଶୌଚାଳୟ ଆରମ୍ଭ କରିବାକୁ ଦାବି ହେଉଛି

### ବଢୁଛି ପାରଦ, ଖୋଲିନି ଜଳଛତ୍ର

ଜହ୍ନାପଙ୍କ, ୮।୪ (ଡି.ଏନ.ଏ): ବୌଦ୍ଧ ବ୍ଲକ ଜହ୍ନାପଙ୍କ ଅଞ୍ଚଳରେ ଦୁଇ ଦିନ ହେଲା ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ଦିନ ୧୧ଟା ପରେ ରାସ୍ତାଘାଟ ଶୂନଶାନ ଲାଗୁଛି। ବ୍ଲକର ବଡ଼ିଗାଁ, ମୁର୍ଷୁଣ୍ଡୀ, ଖୁଣ୍ଟବନ୍ଧ, ଲକ୍ଷ୍ମୀପ୍ରସାଦ, ତେଲିବନ୍ଧ, ପଦ୍ମନପୁର, ମୁଣ୍ଡାପଡା, ମୁଣ୍ଡିପଦର, ତାଲସରଡା ଆଦି ପଞ୍ଚାୟତର ଜନଗହଳି ଛକଗୁଡିକରେ ଅଦ୍ୟବାଧି ଜଳଛତ୍ର ଖୋଲା ଯାଇନାହିଁ। ଫଳରେ ପଥଚାରୀ ପାଣି ପାଇଁ ତହଲବିକଳ ହେଉଛନ୍ତି। ଅପରପକ୍ଷେ ଗ୍ରାମାଞ୍ଚଳରେ ବିଭିନ୍ନ ଛକରେ ପାନୀୟ ଜଳ ସୁବିଧା ନ ଥିବାରୁ ଗରିବ ଦିନ ମଜୁରିଆ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳର ମେଡିକାଲ ଛକ, ବୁରକଟାଛକ, ଜହ୍ନାପଙ୍କ ଛକ, ସାପ୍ତାହିକ ହାଟ (ନାରାୟଣନଗର), ଚାରିଶମ୍ଭୁ, ଖୁଣ୍ଟବନ୍ଧ, ମଧୁପୁର, ପଦ୍ମନପୁର ହାଇସ୍କୁଲ ଛକ, କମିରା ଛକରେ ପୂର୍ବ ବର୍ଷ ଜଳଛତ୍ର ଖୋଲାଯାଇଥିଲା। ମାତ୍ର ଚଳିତବର୍ଷ ଏସବୁ ଜାଗାରେ ଜଳଛତ୍ର ସାଧାରଣରେ ଦାବି ହେଉଛି ।

# ଗାଁମୁହାଁ ପ୍ରବାସୀ ଓଡ଼ିଆ ଶ୍ରମିକ

ନୂଆପଡା ଅଫିସ,୮।୪

**ଲୋକଙ୍କୁ କରୋନା ଭୟ**
- ସପ୍ତାହିକ ବଜାର, ଦୋକାନବଜାର ବନ୍ଦ
- ଛତିଶଗଡରୁ ଆସୁଥିବା ଗାଡିଗୁଡ଼ିକ ଯାଞ୍ଚ



ଛତିଶଗଡ ରାଜ୍ୟରେ କରୋନାର ଦ୍ୱିତୀୟ ଲହର ସଂକ୍ରମଣ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଛତିଶଗଡ ସରକାର ଆସନ୍ତା ୯ରୁ ୧୯ ତାରଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଲକ୍‌ଡାଉନ ଘୋଷଣା କରିଛନ୍ତି। ଫଳରେ ପଡ଼ୋଶୀ ନୂଆପଡା ଜିଲାରେ କରୋନା ଭୟ ଦେଖାଦେଇଛି। ଭୟରେ ଗୋଟିଏ ସପ୍ତାହ ହେଲା ସପ୍ତାହିକ ବଜାର ବନ୍ଦ କରି ଦିଆଯାଇଛି। ରବିବାର ଉଦ୍ୟାନବନ୍ଧ ସପ୍ତାହିକ ବଜାର ୩୫୩ ନଂ. ଜାତୀୟ ରାଜପଥ ଉପରେ ବସୁଥିବାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର, ବୁଧବାର, ଗୁରୁବାର ମିଛାପାଲି, ତରବୋଡ ଓ କୁରୁମପୁରି ସପ୍ତାହିକ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏହା ସାଙ୍ଗକୁ ଦୋକାନ ମଧ୍ୟ ବନ୍ଦ ରହିଛି। ଛତିଶଗଡ଼ ସରକାର ଲକ୍‌ଡାଉନ ଘୋଷଣା କରିବା ପରେ ଗତବର୍ଷ ପରି ଦୀର୍ଘ ଦିନ ଧରି ଲକ୍‌ଡାଉନ ହୋଇଯିବ ଭାବି ପ୍ରବାସୀ ଓଡ଼ିଆ ଶ୍ରମିକମାନେ ଗାଁ ମୁହାଁ ହୋଇ ବସ, ଟ୍ରେନ କିମ୍ବା ବିଭିନ୍ନ ଗାଡିରେ ନୂଆପଡା ଫେରୁଛନ୍ତି। ସେଥି ପାଇଁ ନୂଆପଡା ଜିଲାରେ କରୋନା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ବୋଲି ଅନୁମାନ କରାଯାଉଛି। ଛତିଶଗଡରୁ ନୂଆପଡାକୁ ପ୍ରବେଶ କରିବାକୁ ଛୋଟବଡ ୭/୮ଟି ରାସ୍ତା ରହିଛି। ନୂଆପଡା ଜିଲା ପ୍ରଶାସନ ଖରିଆର ରୋଡ ସୀମାରେ ଛତିଶଗଡରୁ ଆସୁଥିବା ଗାଡିଗୁଡ଼ିକ ଯାଞ୍ଚ କରିବା ସହ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଉଛି। ଶୁଣିବାକୁ ମିଳୁଛି କି ଛତିଶଗଡ ଯାଇଥିବା ଶ୍ରମିକମାନେ ବିଭିନ୍ନ ରାସ୍ତା ଦେଇ ଲୁଚି ଛପି ଆସୁଛନ୍ତି। ଫଳରେ ନୂଆପଡା ଜିଲାରେ କରୋନା କାୟା ବିସ୍ତାର କରି ଚାଲିଛି। ଜିଲାରେ ଯେଉଁ ପରି କରୋନା ବୃଦ୍ଧି ପାଇବାରେ ଲାଗିଛି ପ୍ରଶାସନ ପକ୍ଷରୁ କଡା ନଜର ନ ଦେଲେ ଆଗାମୀ ଦିନରେ ପରିସ୍ଥିତି ଅସମ୍ଭାଳ ହୋଇପଡିବ। କରୋନା କଟକଣା କେହି ମାନୁ ନ ଥିବା କାରଣରୁ ଜିଲାର ସପ୍ତାହିକ ବଜାର ସାଙ୍ଗକୁ ଦୋକାନବଜାର ଜିଲା ପ୍ରଶାସନ ପକ୍ଷରୁ ବନ୍ଦ ଘୋଷଣା କରାଯାଇଛି।

# ଜଳିଗଲା ସଂରକ୍ଷିତ ଜଙ୍ଗଲର ବହୁ ଗଛ


ରେଢ଼ାଖୋଲ ବନଖଣ୍ଡ କଦଳୀପାଲି ନିକଟ ସଂରକ୍ଷିତ ଜଙ୍ଗଲରେ ଲାଗିଛି ନିଆଁ ।

ଅମରପାଲି, ୮।୪ (ଡି.ଏନ.ଏ.)

ସୁବର୍ଣ୍ଣପୁର-ରେଢ଼ାଖୋଲ ବନଖଣ୍ଡ ସୀମାବର୍ତ୍ତୀ ଅମରପାଲି-ରେଙ୍ଗାଲି ମଧ୍ୟରେ ଥିବା ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗି ଜଳିଯାଉଛି ବହୁ ମୂଲ୍ୟବାନ ଗଛ। ନିଆଁ ଯୋଗୁଁ ବନ୍ୟଜନ୍ତୁ ଏବେ ଅସୁରକ୍ଷିତ ହୋଇ ପଡିଛନ୍ତି । ଗତ ଦୁଇଦିନ ହେଲା ରେଢ଼ାଖୋଲ ବନଖଣ୍ଡ ବଡମାଲ ରେଞ୍ଜ ଅଧିନ କଦଳୀପାଲି ନିକଟ ଜଙ୍ଗଲରେ ନିଆଁ ଲାଗିଥିଲେ ମଧ ବନବିଭାଗ ପକ୍ଷରୁ ନିଆଁ ଲିଭାଯାଉ ନ ଥିବା ଦେଖିବାକୁ ମିଳିଛି। ଉକ୍ତ ଅଞ୍ଚଳରୁ ନିଆଁ ଲାଗି ନିକଟସ୍ଥ ଋଷିମୁନି ପାହାଡ ଓ ଚନ୍ଦଲି ପାହାଡରେ ମଧ ନିଆଁ ବ୍ୟାପୁଛି। ମହୁଲ ସଂଗ୍ରହ ପାଇଁ ଲୋକେ ନିଆଁ ଲଗାଉଥିବା ବେଳେ ଏବେ ଜନ୍ତୁ ଶିକାର ପାଇଁ ନିଆଁ ଲଗାଉଛନ୍ତି। ପ୍ରତ୍ୟେହ ଜନ୍ତୁ ଶିକାର କରି ସମ୍ବଲପୁର ଓ ଜଳ ପଥରେ ଠେଙ୍ଗୋ ଡ୍ୟାମ ପାର ହୋଇ ସୋନପୁର, ଉଲୁଣ୍ଡା ଆଦି ଅଞ୍ଚଳକୁ ଜମାଂସ ଚାଲାଣ ହେଉଛି। ଜଙ୍ଗଲରେ ନିଆଁ ଲାଗିବା ଫଳରେ ଉକ୍ତ ଅଞ୍ଚଳ ଧୂଆଁଳିଆ ଦେଖାଯାଉଥିବା ବେଳେ ତାପମାତ୍ରା କ୍ରମାଗତ ବଢ଼ିବାରେ ଲାଗୁଛି। ଫଳରେ ଦିନବେଳା ଉକ୍ତ ଅଞ୍ଚଳର ରାସ୍ତା ଦେଇ ଯାତାୟତରେ ଅସହ୍ୟ ହେଉଛି । ବନବିଭାଗ ପକ୍ଷରୁ ନିଆଁ ଲିଭାଇବା ପାଇଁ ସ୍ୱତନ୍ତ୍ର କର୍ମଚାରୀ ନିଯୁକ୍ତି ହୋଇଛନ୍ତି । ମାତ୍ର ରାସ୍ତା ପାର୍ଶ୍ୱ ଜଙ୍ଗଲରେ ନିଆଁ ଲାଗି ଜଳୁଥିଲେ ମଧ ବିଭାଗ ପକ୍ଷରୁ ନିଆଁ ଲିଭାଇ ନଥିବା ଅଭିଯୋଗ ହେଉଛି। ଏନେଇ ରେଢ଼ାଖୋଲ ଡିଏଫଓଙ୍କୁ ଯୋଗାଯୋଗ କରିଥିଲେ ମଧ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ମଦ ବିକ୍ରି ବନ୍ଦ ଦାବି କଲେ ମହିଳା

ବରଗଡ଼ ଅଫିସ,୮।୪


ମଦ ବିକ୍ରି ବନ୍ଦ ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଥିବା ମହିଳାମାନେ।

ବରଗଡ଼ ଜିଲା ଭେଡ଼େନ ଥାନା ଅଧୀନ ବିଭିନ୍ନ ଗ୍ରାମରେ ଅବାଧରେ ଚୋରାମଦ କାରବାର ଚାଲିଛି। ଏ ନେଇ ଅବକାରୀ, ପୋଲିସ ବିଭାଗର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କିଛି ସୁଫଳ ମିଳୁନାହିଁ। ଏଭଳି ଅଭିଯୋଗ ନେଇ ଘିଚାପାଲି ଗ୍ରାମର ମହିଳାମାନେ ଗୁରୁବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଚୋରାମଦ କାରବାର ବନ୍ଦ କରିବାକୁ ସେମାନେ ନିବେଦନ କରିଥିଲେ।

ଘିଚାପାଲି ଗାଁ ମୁଣ୍ଡରେ କେତେକ ଲୋକ ଚୋରାମଦ ବ୍ୟବସାୟ ଚଳାଇଛନ୍ତି। ଗ୍ରାମରେ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ଫଳରେ ଗ୍ରାମରେ ଚାଲିଥିବା ଚୋରାମଦ କାରବାରର କୁପ୍ରଭାବ ଗ୍ରାମର କୋମଳମତି ପିଲାଙ୍କ ଉପରେ ପଡୁଛି। ମଦ ପିଇ ଗାଁ ଲୋକ ନାନା ରୋଗରେ ପୀଡିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକଙ୍କ ମୃତ୍ୟୁ ହୋଇଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସେହିପରି ମଦ ପାଇଁ ଗ୍ରାମରେ ନାନା ଅପରାଧ ଘଟୁଥିବା ଅଭିଯୋଗ ହୋଇଛି। ଫଳରେ ଗ୍ରାମରେ ଚାଲିଥିବା ମଦ କାରବାରକୁ ବନ୍ଦ କରିବା ପାଇଁ ଘିଚାପାଲି ଗ୍ରାମର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଦାବି କରିଛନ୍ତି ।

# ଛାତ୍ରଙ୍କୁ ଲାଠିମାଡ଼ ଘଟଣାରେ ବିକ୍ଷୋଭ

ବରଗଡ଼ ଅଫିସ,୮।୪

ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଛାତ୍ରଙ୍କୁ ପୋଲିସର ଲାଠିମାଡ଼ ଘଟଣାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାର ପ୍ରତିବାଦରେ ଗୁରୁବାର ବରଗଡ଼ ଜିଲା ଛାତ୍ର କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ସେମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଯୁକ୍ତତିନି ତୃତୀୟ ସେମିଷ୍ଟର ପରୀକ୍ଷାକୁ ଅନ୍‌ଲାଇନରେ କରିବା, ଲାଠିମାଡ଼ରେ ଆହତ ଛାତ୍ରଙ୍କୁ ୫ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ, କୁଳପତିଙ୍କୁ ବହିଷ୍କାର କରିବା ଆଦି ୫ଦଫା ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଛାତ୍ର କଂଗ୍ରେସ ଚେତାବନୀ ଦେଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଛାତ୍ରନେତା ଗୌରବ ପତି, ଅଭିଷେକ ନାୟକ, ସୌମ୍ୟକାନ୍ତ ଦାଶ, ନିହାର ବେହେରା, ପିଙ୍କୁନ ନାୟକ, ନିକୁ ଭୋଇ, ଜିଲା ଯୁବ କଂଗ୍ରେସର କାର୍ଯ୍ୟକାରୀ ସଭାପତି ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା କରି ଜିଲାପାଳଙ୍କ ଅଫିସରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

# କୋଭିଡ୍ କେୟାର କେନ୍ଦ୍ର ଖୋଲିବାକୁ ଜିଲାପାଳଙ୍କ ପରିଦର୍ଶନ

ଖଡିଆଳ, ୮।୪ (ଡି.ଏନ.ଏ.)



ଜିଲାପାଳ କୋଭିଡ୍ କେୟାର କେନ୍ଦ୍ର ଖୋଲିବା ପାଇଁ ସ୍ଥାନ ପରିଦର୍ଶନ କରୁଛନ୍ତି ।

ନୂଆପଡା ଜିଲାରେ କରୋନାର ଦ୍ୱିତୀୟ ଲହର ସଂକ୍ରମଣ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସଚେତନତା ତଥା ନାଇଟ କର୍ଫ୍ୟୁ ଲାଗୁ ରହିଥିବା ବେଳେ ଗୁରୁବାର ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂ ଖଡିଆଳ ଗସ୍ତ କରିଛନ୍ତି । ଖଡିଆଳଠାରେ ଏକ କୋଭିଡ୍ କେୟାର କେନ୍ଦ୍ର ଖୋଲିବାକୁ ସ୍ଥାନ ନିରୂପଣ କରି ଖଡିଆଳସ୍ଥିତ ରାଜା ଏଟି ହାଇସ୍କୁଲ ପରିଦର୍ଶନ କରିଥିଲେ । ଖଡିଆଳ ବ୍ଲକ ବାଦୀସ୍ଥିତ ଆଇଆଇଟି କେନ୍ଦ୍ରରେ ୫୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର କେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଜିଲାପାଳଙ୍କ ଗସ୍ତ ସମୟରେ ଖଡିଆଳ ତହସିଲଦାର ସିନ୍ଧୁସୁତା ପାତ୍ର, ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟଙ୍କ ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ସିନାପାଲି ଗସ୍ତ, ବିଭିନ୍ନ କାର୍ଯ୍ୟର ସମୀକ୍ଷା

ନୂଆପଡା ଅଫିସ,୮।୪

ନୂଆପଡା ଜିଲା ସିନାପାଲି ବ୍ଲକକୁ ଗୁରୁବାର ଜିଲାପାଳ ସ୍ୱାଧାଦେବ ସିଂ ଗସ୍ତ କରିଛନ୍ତି । ଏହି ଅବସରରେ ଜିଲାପାଳ ବରଗାଁ ଗ୍ରାମର ଯୁବକ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ପରିବାର ଲୋକଙ୍କୁ ଭେଟିଥିଲେ। ପରିବାର ଲୋକେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ଡ୍ରାଇଭରଙ୍କ ଅବହେଳା ଯୋଗୁ ମୋ ପୁଅର ମୃତ୍ୟୁ ଘଟିଛି ବୋଲି ଅଭଯୋଗ କରିଥିଲେ। ଜିଲାପାଳ ପରିବାରବର୍ଗଙ୍କୁ ସାନ୍ତନା ଦେଇ ବୁଝାଇଥିଲେ ଓ କରୋନା ପରୀକ୍ଷା କରିବା ପାଇଁ କହିଥିଲେ। ପରେ ସିନାପାଲି ଓ ହାତିବନ୍ଧା ହାଇସ୍କୁଲରେ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ। ହାତିବନ୍ଧା ଯିବା ଆଗରୁ ଚଳନା ଗ୍ରାମବାସୀ ଜିଲାପାଳଙ୍କୁ ରାସ୍ତାରେ ଅଟକାଇ ପିଇବା ପାଣି ସମସ୍ୟା ନେଇ ଅବଗତ କରିଥିଲେ। ଜିଲାପାଳ ଶୀଘ୍ର ପାଣି ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସ୍ଥାନୀୟ ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଣି, ବିଜୁଳୀ, ପଙ୍ଖା ଇତ୍ୟାଦି ସମସ୍ୟା ଉପରେ ଅଭିଯୋଗ କରିବାରୁ ଏହାର ସମାଧାନ ପାଇଁ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଓ ଡ୍ରାଇଭରଙ୍କ ଅବହେଳା ଯୋଗୁ କରୋନା ଆକ୍ରାନ୍ତରେ ମୃତ୍ୟୁ ହୋଇଥିବା ଡାକ୍ତର ଓ ଡ୍ରାଇଭରଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପଚାରିବାରୁ ତଦନ୍ତ ଚାଲିଛି, ତଦନ୍ତ ସରିବା ପରେ ଆଇନଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଥିଲେ। ସିନାପାଲି ବିଡିଓ ସଦାଶିବ ନାଏକ, ତହସିଲଦାର ଲୋକନାଥ ଶବର, ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ମାଝି, ବିଇଓ ଚୈତନ୍ୟ ହୋତା, ଏପିଓ ବର୍ନିତା ବିଶ୍ୱାସ, ଡାକ୍ତର ସନୋଜ ମେହେର, ଜିଲା ପରିଷଦ ସଦସ୍ୟ ପ୍ରିୟ ରଞ୍ଜନ ମେହେରଙ୍କ ସହ ଅନ୍ୟ ଅଧିକାରୀ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ଅସମ୍ପୂର୍ଣ୍ଣ କାମ ଶେଷ କରିବା ଉପରେ ଗୁରୁତ୍ୱ

ଲୋଇସିଂହା, ୮।୪(ଡି.ଏନ.ଏ.)

**ଲୋଇସିଂହା ଗସ୍ତରେ ପଶ୍ଚିମ ଓଡିଶା ବିକାଶ ପରିଷଦ ସିଇଓ**

ପଶ୍ଚିମ ଓଡିଶା ବିକାଶ ପରିଷଦ ସିଇଓ ସରୋଜ ପୁଟେଲ ଲୋଇସିଂହା ବ୍ଲକ ଗସ୍ତରେ ଆସି ଗୁରୁବାର ଲୋଇସିଂହା, ଯୋଗୀସର୍ଡା ଓ ବାଦିବାହାଲ ପଞ୍ଚାୟତର ବିଭିନ୍ନ ଉନ୍ନୟନ କାମ ବୁଲି ଦେଖିଥିଲେ। ପଡି ରହିଥିବା କାମଗୁଡିକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ସିଇଓ ପଟେଲ ଲୋଇସିଂହା ଷ୍ଟାଡିୟମର ଭିତ୍ତିଭୂମି ବିକାଶ, ସହରାପଡା ନିର୍ମାଣାଧୀନ ପ୍ରହରୀ ମଣ୍ଡପ ପରିଦର୍ଶନ କରିଥିଲେ । ସେଠାରୁ ବାଦିବାହାଲ ପଞ୍ଚାୟତର ଅଗଲାପାଲି ନାଳରେ ନିର୍ମିତ ପୋଲ ବୁଲି ଦେଖିଥିଲେ। ପରେ ଯୋଗୀସର୍ଡା ହରିହର କଲେଜ ଲାଇବ୍ରେରୀ ହଲ ଓ ପାଚେରି ନିର୍ମାଣ କାମ, ହରିହର ନୋଡାଲ ହାଇସ୍କୁଲ ଏସିଆର ଓ ସୁବର୍ଣ୍ଣ ଜୟନ୍ତୀ ହଲ କାମ ଦେଖିଥିଲେ। ନିକଟରେ ଉକ୍ତ ହାଇସ୍କୁଲକୁ ବ୍ଲକ ଆଦର୍ଶ ହାଇସ୍କୁଲ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ସ୍କୁଲ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ନାଥ ଓ ଷ୍ଟାଫଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ପଧାନ, ଗ୍ରାମର ବରିଷ୍ଠ ନାଗରିକ ଗଦାଧର ମିଶ୍ର, ସୁଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ସିଇଓ ପଟେଲଙ୍କ ଗସ୍ତବେଳେ ଜିଲା ଯୋଜନା ବୋର୍ଡର ଅଧିକାରୀ, ବିଡିଓ ରାମଚନ୍ଦ୍ର ଖାଡିଆ, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରକାଶ ସେଠୀ ଉପସ୍ଥିତ ଥିଲେ।


ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ କାମ ବୁଲି ଦେଖୁଛନ୍ତି ସିଇଓ ସରୋଜ ପୁଟେଲ ।

# ଅଧିକ କ୍ଷମତାସମ୍ପନ୍ନ କରିବାକୁ ଦାବି

ଭବାନୀପାଟଣା, ୮।୪ (ଡି.ଏନ.ଏ.)

**ରେତ ଜଳସେଚନ ପ୍ରକଳ୍ପ**

କଳାହାଣ୍ଡି ଜିଲାର ଦ୍ୱିତୀୟ ଜଳ ସେଚନ ପ୍ରକଳ୍ପ ରେତ ପ୍ରକଳ୍ପକୁ ଅଧିକ କ୍ଷମତା ସମ୍ପନ୍ନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବର୍ତ୍ତମାନ ଏହି ପ୍ରକଳ୍ପର ଡ୍ୟାମ କ୍ଷମତା ୩୯୦୦ ହେକ୍ଟର ଥିବା ବେଳେ ଏହାର ଲାଇଭ କ୍ଷମତା ୩୧୦୦ ହେକ୍ଟର ରହିଛି। ବର୍ତ୍ତମାନ ଏହି ପ୍ରକଳ୍ପ ଚାଲୁ ହେଲେ ଭବାନୀପାଟଣା ଓ ନର୍ଲା ବ୍ଲକର ଅନେକ ଚାଷ ଜମିକୁ ପାଣି ଯୋଗାଯାଇ ପାରିଲେ ମଧ ନର୍ଲା ବ୍ଲକ ରୁପ୍ରାରୋଡ ଅଞ୍ଚଳର ଭିମକେଲା, ବୁଡିପଦର, ରାକସି, ସରିଆଁ ଆଦି ପଞ୍ଚାୟତବାସୀ ପାଣି ପାଇବାରୁ ବଞ୍ଚିତ ହେବେ। ଏ ନେଇ ରାଜ୍ୟ ସରକାରଙ୍କୁ ଅତିରିକ୍ତ ୬୦ କୋଟି ଟଙ୍କା ପ୍ରସ୍ତାବ ଦିଆଯାଇଥିଲେ ମଧ ମାତ୍ର ୩୦ ଲକ୍ଷ ଟଙ୍କାର ଅନୁଦାନ ଆସିଛି ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଇଂ.ରାଜେନ୍ଦ୍ର ରଥ ପ୍ରକାଶ କରିଛନ୍ତି । ନର୍ଲା ଏକ ମରୁଡି ପ୍ରପିଡିତ ହୋଇଥିବା ବେଳେ ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ରେତ ଜଳସେଚନ ପ୍ରକଳ୍ପ ପାଇଁ ଉପଯୁକ୍ତ ଆବଶ୍ୟକ ରାଶି ବିନିଯୋଗ କରି ଚାଷୀଙ୍କୁ ମରୁଡି ଦାଉରୁ ରକ୍ଷା କରିବା ପାଇଁ ବିଶିଷ୍ଟ ସାମାଜିକ କର୍ମୀ ଡା.ସାଧୁରାମ ଅଗ୍ରୱାଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମେତ ଜଳସେଚନ ବିଭାଗ ମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି।

# ଗଣମାଧ୍ୟମ ପ୍ରବେଶକୁ ନା, ଅନ୍ୟକୁ ହଁ

ଜୁନାଗଡ, ୮।୪ (ଡି.ଏନ.ଏ.)


ବିଇଓ କାର୍ଯ୍ୟାଳୟର କର୍ମଚାରୀ ମାସ୍କ ନ ଲଗାଇବା ସହ ସାମାଜିକ ଦୂରତା ଭୁଲି ଯାଇ କାର୍ଯ୍ୟ କରୁଛନ୍ତି।

- ଅନ୍ୟ ପାଇଁ କୋଭିଡ୍ ଗାଇଡ୍ ଲାଇନ, ନିଜ କର୍ମଚାରୀଙ୍କ ପାଇଁ ନା
- ପିଅନଙ୍କ ହାତରେ ଏଷ୍ଟାବ୍ଲିଶମିଣ୍ଟ ସେକ୍ସନ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଶିକ୍ଷାଧିକାରୀ (ବିଇଓ) ବିଜୟ କୁମାର ସେନାପତିଙ୍କ ବିଚିତ୍ର ନୀତି ଦେଖିବାକୁ ମିଳିଛି। ଶିକ୍ଷୟିତ୍ରୀଶିକ୍ଷକଙ୍କ ସମତେ ତାଙ୍କ ସମ୍ପର୍କୀୟ ଅନ୍ୟ ଲୋକଙ୍କୁ କାର୍ଯ୍ୟାଳୟ ଭିତରକୁ ପ୍ରବେଶକୁ ବାରଣ କରାଯାଉ ନ ଥିବାବେଳେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ କରାଯାଉଛି। ପ୍ରକାଶ ଯେ, କୋଭିଡ୍ ଗାଇଡ ଲାଇନ ନିୟମ ମାନୁଥିବା ବିଇଓ ସେନାପତିଙ୍କ କାର୍ଯ୍ୟାଳୟର କିଛି କର୍ମଚାରୀ ଗୁରୁବାର ମୁହଁରେ ମାସ୍କ ନ ଲଗାଇ ଓ ସାମାଜିକ ଦୂରତା ଭୁଲି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ବିଇଓଙ୍କୁ ସାକ୍ଷାତ କରିବାକୁ ଯାଇଥିବାବେଳେ ଏହି ସମୟରେ ସେମାନେ ମୁହଁରେ ମାସ୍କ ସହ ସାମାଜିକ ଦୂରତା ମାନି ଛିଡା ହୋଇଥିଲେ। ବିଇଓ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ କୋଭିଡ୍ ଗାଇଡ ଲାଇନ ବିଷୟରେ ବୁଝାଇବା ସହ କାର୍ଯ୍ୟାଳୟକୁ ନ ଆସିବା ପାଇଁ ବାରଣ କରିଥିଲେ। କିଛି କାମ ଥିଲେ ଫୋନ ଯୋଗେ ବୁଝିବା ପାଇଁ କହିଥିଲେ। ଅନ୍ୟପକ୍ଷରେ ବିଇଓ କାର୍ଯ୍ୟାଳୟର ଜଣେ ପିଅନଙ୍କ ହାତରେ ଏଷ୍ଟାବ୍ଲିଶମେଣ୍ଟ ସେକ୍ସନ ଚାଲୁଥିବା ଅଭିଯୋଗ ହୋଇଛି। କାର୍ଯ୍ୟରତ ପିଅନ ଦୀର୍ଘବର୍ଷ ହେବ ଏହି ସେକ୍ସନରେ କିରାଣି ଭଳି କାମ କରିବା ସହ ନିଜ ଇଚ୍ଛାରେ କାର୍ଯ୍ୟାଳୟକୁ ମନଇଚ୍ଛା ଆସୁଥିବା ଶୁଣିବାକୁ ମିଳିଛି। ବିଇଓ ସେନାପତିଙ୍କୁ ଏ ବିଷୟରେ ପଚାରିବାରୁ ଆରଟିଆଇ ମାଗନ୍ତୁ ମୁଁ କିଛି କହିପାରିବିନି ବୋଲି କହିଥିଲେ। ଏ ନେଇ ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ସମ୍ପର୍କରେ ବିଇଓଙ୍କୁ ପଚାରିଲେ କୋଭିଡ୍ ଗାଇଡଲାଇନ ଅନୁଯାୟୀ କାର୍ଯ୍ୟାଳୟ ନ ଆସିବା ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ କରାଯାଇଛି ବୋଲି କହିଥିଲେ।

# ଦୟନୀୟ ସ୍ଥିତିରେ ପୋଲିସ ଆବାସିକ ଗୃହ

ଜୁନାଗଡ, ୮।୪ (ଡି.ଏନ.ଏ.)


ଦୟନୀୟ ଅବସ୍ଥାରେ ଥିବା ପୋଲିସ କର୍ମଚାରୀଙ୍କ ଆବାସିକ ଗୃହ ।

**ଜୁନାଗଡ଼ ଥାନା**
- ବର୍ଷା ହେଲେ ଛାତରୁ ପାଣି ଗଳୁଛି
- କାନ୍ଥ, ଛାତ ଦୁର୍ବଳ
- ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ନିର୍ବାଚନୀ ମଣ୍ଡଳୀ, ବିରୋଧୀ ଦଳ ନେତାଙ୍କ ବ୍ଲକ

ଦିନରାତି ଲୋକଙ୍କ ଧନ ଜୀବନ ରକ୍ଷା କରୁଥିବା ଓ କରୋନାକୁ ଭୟ ନ କରି କାର୍ଯ୍ୟ ସୂଚାରୁ ଭାବେ ସମ୍ପାଦନା କରୁଛନ୍ତି ପୋଲିସ କର୍ମଚାରୀମାନେ। ହେଲେ ନିଜେ କେତେ ଅସୁରକ୍ଷିତ ଭାବେ ଜୀବନ ଯାପନ କରୁଛନ୍ତି ତାହାର ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡରେ। ଏଠାରେ ପୋଲିସ କର୍ମଚାରୀଙ୍କ ରହିବା ପାଇଁ ନିର୍ମିତ ଆବାସିକ ଗୃହ(ରେସିଡେଣ୍ଟ କ୍ୱାର୍ଟର୍ସ) ଏବେ ଦୟନୀୟ ଓ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ଦୟନୀୟ କୋଠାରେ ରହି ସେମାନେ ଥାନାରେ ନିଜ କାର୍ଯ୍ୟ କରୁଛନ୍ତି। ଦୀର୍ଘବର୍ଷରୁ ଏହି ଆବାସିକ କୋଠା ନିର୍ମିତ ହୋଇଥିବାରୁ କାନ୍ଥ ଓ ଛାତଗୁଡିକ ଦୁର୍ବଳ ହୋଇଯାଇଛି। କାନ୍ଥରେ ଫାଟ ସୃଷ୍ଟି ହେବା ସହ ବର୍ଷା ହେଲେ ଛାତରୁ ପାଣି ଗଳୁଛି। ସେହିପରି କୋଠାରେ ଶୌଚାଳୟ ଓ ପାଣି ପାଇପ୍‌ର ଆବଶ୍ୟକ ସୁବିଧା ନ ଥିବାରୁ କର୍ମଚାରୀଙ୍କ ପାଇଁ ଅସୁବିଧା ଦେଖାଦେଇଛି। ଫଳରେ କିଛି ପୋଲିସ କର୍ମଚାରୀ ବାଧ୍ୟ ହୋଇ ଥାନା ବାହାରେ ଭଡା ଘର କରି ରହୁଥିବା ଜଣାପଡିଛି। ଜିଲାରେ ଗୋଟିଏ ବଡ ଥାନା ଭାବେ ଜୁନାଗଡର ନାମ ରହିଛି। ଗତବର୍ଷ ଜୁନାଗଡ ଥାନାର ନୂତନ କୋଠା ଉଦ୍‌ଘାଟନ ହୋଇଛି। ଦୀର୍ଘ ଦଶନ୍ଧି ପରେ ନୂତନ କୋଠା ହୋଇଥିବାରୁ କର୍ମଚାରୀ ପାଇଁ କାର୍ଯ୍ୟ କରିବା ଉତ୍ସାହ ହୋଇଥିବାବେଳେ ଏପଟେ ଦୟନୀୟ ଘରେ ରହିବା ସେମାନଙ୍କ ପାଇଁ ଅସୁବିଧା ଦେଖାଦେଇଛି। ଜୁନାଗଡ ଥାନା ଖୋଦ୍ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ରଙ୍କ ନିର୍ବାଚନ ମଣ୍ଡଳୀରେ ରହିଥିବାବେଳେ ବିରୋଧୀ ଦଳ ନେତା ପ୍ରଦିପ୍ତ କୁମାର ନାଏକଙ୍କ ନିଜ ବ୍ଲକରେ ରହିଛି। ଦୁଇ ହେଭିୱେଟ ନେତାଙ୍କ ଅଞ୍ଚଳରେ ଏପରି ପୋଲିସ ଆବାସିକ ଗୃହ ଦୟନୀୟ ସ୍ଥିତିରେ ରହିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟ ବିଭାଗର କର୍ମଚାରୀଙ୍କ ରହିବା ପାଇଁ ବଡ ଓ ସ୍ୱତନ୍ତ୍ର କୋଠା ନିର୍ମିତ ହେଉଥିବାବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ପୋଲିସ କର୍ମଚାରୀଙ୍କ ଆବାସିକ କୋଠା ଏପରି ହେବା ସାଧାରଣରେ ଆଶ୍ଚର୍ଯ୍ୟର ବିଷୟ ହୋଇଛି। ଏଠାରେ ପୋଲିସ କର୍ମଚାରୀଙ୍କ ରହିବା ପାଇଁ ଆବାସିକ ଗୃହ ନିର୍ମାଣ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଏ ନେଇ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ପଚାରିବାରୁ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

**ଚରଦା ଗ୍ରାମ୍ୟ ଜଙ୍ଗଲରେ ଚିତାବାଘ ବୁଲୁଥିବା ଚର୍ଚ୍ଚା**

ବିନିକା, (ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ରେଞ୍ଜ ଅଧୀନ ଚରଦା ଗ୍ରାମ୍ୟ ଜଙ୍ଗଲରେ ଗୁରୁବାର ଚିତାବାଘ ବୁଲୁଥିବା ଚର୍ଚ୍ଚା ହେଉଛି । ସୂଚନା ପାଇ ବିନିକା ରେଞ୍ଜର ପ୍ରେମରାଜ ଧରୁଆଙ୍କ ନିର୍ଦ୍ଦେଶରେ ବନ ବିଭାଗ ସ୍କ୍ୱାଡ ଜଙ୍ଗଲରେ ଅନ୍ୱେଷଣ କରିଥିଲେ । ମାତ୍ର ଚିତାବାଘ ଥିବା ନେଇ ସେମାନେ କୌଣସି ସୂଚନା ଓ ସଙ୍କେତ ପାଇ ନ ଥିଲେ।

## ସଂକ୍ଷେପରେ

### ପ୍ରକଳ୍ପ କାମ ଚାଲିଛି, ଲାଗିନି ସୂଚନା ଫଳକ

କଣ୍ଟାବାଞ୍ଜି, ୮।୪(ଡି.ଏନ.ଏ.)-ବଲାଙ୍ଗୀର ଜିଲା ତୁରେକେଲା ବ୍ଲକର ବିଭିନ୍ନ ଗ୍ରାମରେ ବସୁଧା ଯୋଜନାରେ ପାଇପ ପାଣି ଯୋଗାଇବା ପାଇଁ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଉଛି । ଏହି ପରିପ୍ରେକ୍ଷୀରେ ଘୁନେଶ ପଞ୍ଚାୟତ ଅନ୍ତର୍ଗତ ବର୍ଲା ଗ୍ରାମରେ ଏକ ପାଣି ଟାଙ୍କି ନିର୍ମାଣ କରାଯାଉଛି। ନିର୍ମାଣରେ ସ୍ଥାନୀୟ କୌଣସି ଶ୍ରମିକଙ୍କୁ ନିୟୋଜିତ କରାଯାଇନାହିଁ। ବଙ୍ଗାଳି ଶ୍ରମିକଙ୍କୁ ସେଠାରେ ନିୟୋଜିତ ହୋଇଛନ୍ତି। କେଉଁ ସଂସ୍ଥାଦ୍ୱାରା ନିର୍ମାଣ କରାଯାଉଛି ଏବଂ ପ୍ରକଳ୍ପ ଅଟକଳ ମୂଲ୍ୟରେ କାର୍ଯ୍ୟ ହେଉଛି ତାହା ନିର୍ମାଣସ୍ଥଳରେ ସୂଚନା ଫଳକ ଲଗାଯାଇନାହିଁ । ସେହିପରି ଝରଣୀ ପଞ୍ଚାୟତର ରାମୋଡ ଗାଁରେ ଓଭରହେଡ ପାଣି ଟାଙ୍କି ନିର୍ମାଣରେ ସମାନ ଅବସ୍ଥା ଦେଖାଦେଇଛି। ବ୍ଲକ ଅନ୍ତର୍ଗତ ୧୯ ପଞ୍ଚାୟତରେ ଓଭରହେଡ ପାଣି ଟାଙ୍କି ନିର୍ମାଣ ସରିଥିଲେ ମଧ କୌଣସି ସ୍ଥାନରେ ସୂଚନା ଫଳକ ଲଗାଯାଇନାହିଁ । ଅଭିଯୋଗ ଉପରେ କଣ୍ଟାବାଞ୍ଜି ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲାପରେ ସୂଚନା ଫଳକ ଲଗାଯିବ ବୋଲି କହିଛନ୍ତି।

### ପ୍ରଦୂଷଣ ବଢ଼ାଉଛି ବିଲ ନିଆଁ

ତରଭା, ୮।୪(ଡି.ଏନ.ଏ.)- ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ତାତି ବଢ଼ିବା ସାଙ୍ଗକୁ ପରିବେଶ ପ୍ରଦୂଷଣ ହେଉଛି। ଏପଟେ ସୁବର୍ଣ୍ଣପୁର ଜିଲା ତରଭା ଅଞ୍ଚଳର ଚାଷୀମାନେ ବିଲରେ ରହିଯାଇଥିବା ନଡ଼ାରେ ନିଆଁ ଲଗାଇ ଦେଉଥିବାରୁ ସମଗ୍ର ପରିବେଶ ଧୂଆଁମୟ ହୋଇଯାଉଛି। ଫଳରେ ସେହି ରାସ୍ତା ଦେଇ ଯାଉଥିବା ବ୍ୟକ୍ତିଙ୍କ ଆଖି ଜଳାପୋଡା ହେବା ସହ ଅଣନିଃଶ୍ୱାସୀ ହୋଇ ପଡୁଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଚାଷୀମାନେ ଲୋକ ଲଗାଇ ଦାଆରେ ଧାନ ନ କାଟି ମେଶିନ ଦ୍ୱାରା କାଟୁଛନ୍ତି । ଫଳରେ ଜମିରେ ବଡ ବଡ ନଡା ରହିଯାଉଛି। ଏଥିଯୋଗୁ ଜମିରେ ହଳ କରିବା ସହଜ ହେଉ ନ ଥିବାରୁ ଚାଷୀ ବିଲରେ ନିଆଁ ଲଗାଇ ଦେଉଛନ୍ତି । ଏପରିକି ଜଙ୍ଗଲ ପାଖରେ ଥିବା ଖେତରେ ନିଆଁ ଲଗାଇବା ଯୋଗୁ ଜଙ୍ଗଲ ମଧ ପୋଡୁଛି। କୃଷି ବିଭାଗ ଏ ନେଇ ଚାଷୀମାନଙ୍କୁ ସଚେତନ କରିବା ଜରୁରୀ ହୋଇପଡିଛି ।

### ସୋଲାର ପାନୀୟ ପ୍ରକଳ୍ପ ଶୁଭାରମ୍ଭ

ଲୋଇସିଂହା, ୮।୪(ଡି.ଏନ.ଏ.)- ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ରେଙ୍ଗାଲି ପଞ୍ଚାୟତ ଅଧୀନ କୁମିଆପାଲି ଗାଁରେ ସୋଲାର ପାନୀୟ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ବ୍ଲକ ଉପାଧ୍ୟକ୍ଷ ଯତିନ୍ଦ୍ର ପଟେଲ ଓ ସ୍ଥାନୀୟ ସମିତି ସଭ୍ୟ ବ୍ୟାସଦେବ ଥନାପତି ପ୍ରକଳ୍ପକୁ ମିଳିତଭାବେ ଉଦ୍‌ଘାଟନ କରିଥିଲେ। ଦୁଇୱାର୍ଡ ବିଶିଷ୍ଟ କୁମିଆପାଲି ଗ୍ରାମର ଜନସଂଖ୍ୟା ୧୫ଶହ । ଗ୍ରୀଷ୍ମଦିନରେ ଗ୍ରାମବାସୀ ପିଇବା ପାଣିକୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ସିଏଫସି ପାଣ୍ଠିରୁ ୫ ଲକ୍ଷ ବ୍ୟୟରେ ଏକ ସୋଲାର ପାନୀୟ ପ୍ରକଳ୍ପ ସ୍ଥାପନ କରାଯାଇଛି। ଗ୍ରାମର ବଡ଼ିଆ ପଡାରେ ଉକ୍ତ ପ୍ରକଳ୍ପ ବସାଯାଇଛି ।

# ପଞ୍ଜୀକରଣରେ ବାଧକ ବିଦ୍ୟୁତ ବିଲ୍

ବରଗଡ଼ ଅଫିସ୍, ୮।୪



ପଞ୍ଜୀକରଣ ସମସ୍ୟା ନେଇ ଫେରାଦ ହୋଇଥିବା ଚାଷୀବୃନ୍ଦ ।

- ବିଲ୍‌ରେ ରହୁନି ଉପଭୋକ୍ତାଙ୍କ କ୍ରମାଙ୍କ ସଂଖ୍ୟା
- ପ୍ୟାକ୍ସରୁ ନିରାଶରେ ଘରକୁ ଫେରୁଛନ୍ତି ଚାଷୀ
- ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ରବିଋତୁ ଧାନ ବିକ୍ରିପାଇଁ ମାର୍ଚ୍ଚ ମାସରୁ ଚାଷୀ ପଞ୍ଜୀକରଣ ଓ ନବୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଧାନବିକ୍ରି ଭଳି ପଞ୍ଜୀକରଣ, ନବୀକରଣରେ ମଧ୍ୟ ନାନା କଟକଣା ରହିଥିବାରୁ ଚାଷୀଙ୍କୁ ହଟହଟା ହେବାକୁ ପଡ଼ିଛି। ଏଭଳି ସ୍ଥିତିରେ ବିଦ୍ୟୁତ୍ ବିଲ୍ ଏବେ ଚାଷୀ ପଞ୍ଜୀକରଣରେ ବାଧକ ସାଜିଛି । ଏହି କଟକଣା ଯୋଗୁ ବରଗଡ଼ ଜିଲା ସୋହେଲା ବ୍ଲକ ପାଣିମୋରା ପଞ୍ଚାୟତର ଶହେ ଚାଷୀଙ୍କ ନବୀକରଣ କିମ୍ବା ପଞ୍ଜୀକରଣ ହୋଇପାରୁନାହିଁ। ଫଳରେ ଆସନ୍ତା ଧାନ ସଂଗ୍ରହ ପ୍ରକ୍ରିୟାରେ ସେମାନେ ଧାନବିକ୍ରିରୁ ବଞ୍ଚିତ ହେବା ଆଶଙ୍କା ପ୍ରକାଶ ପାଇଛି। ଏଭଳି ଅଭିଯୋଗ ନେଇ ଗୁରୁବାର ସମ୍ପୃକ୍ତ ଚାଷୀମାନେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଚାଷୀମାନେ ନିବେଦନ ନିବେଦନ କରିଛନ୍ତି। ପାଣିମୋରା ପଞ୍ଚାୟତର ପାଣିମୋରା ଏବଂ କୁସୁର୍ଡ଼ା ଗ୍ରାମର ଶହେ ଚାଷୀ ଗତ ପ୍ରାୟ ୫ବର୍ଷ ହେଲା ଗଭୀର ନଳକୂପ ସାହାଯ୍ୟରେ ରବିଚାଷ କରି ଅମଳ ଧାନକୁ ମଣ୍ଡିରେ ବିକ୍ରି କରି ଆସୁଛନ୍ତି । ତେବେ ଗଭୀର ନଳକୂପରେ ଧାନ କରିଥିବା ଚାଷୀଙ୍କ ପଞ୍ଜୀକରଣ ଏବଂ ନବୀକରଣ ପାଇଁ ଏଥର ବିଦ୍ୟୁତ୍ ବିଲ୍‌ର ଆବଶ୍ୟକତା ପଡୁଛି। କିନ୍ତୁ ସମ୍ପୃକ୍ତ ଚାଷୀଙ୍କୁ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଯେଉଁ ବିଲ୍ ଦେଉଛନ୍ତି, ସେଥିରେ ଉପଭୋକ୍ତାଙ୍କ କ୍ରମାଙ୍କ ସଂଖ୍ୟା ରହୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ବିଦ୍ୟୁତ୍ ବିଲ୍‌ରେ ଉପଭୋକ୍ତାଙ୍କ କ୍ରମାଙ୍କ ସଂଖ୍ୟା ନ ଥିଲେ ପଞ୍ଜୀକରଣ ହୋଇ ପାରିବ ନାହିଁ ବୋଲି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) କର୍ତ୍ତୃପକ୍ଷ କହୁଛନ୍ତି। ଫଳରେ ଚାଷୀ ପ୍ୟାକ୍ସରୁ ନିରାଶ ହୋଇ ଘରକୁ ଫେରୁଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିବା ଜୟ କିଶାନ ଆନ୍ଦୋଳନର ସମ୍ପାଦକ ହର ବଣିଆ କହିଛନ୍ତି। ବିଲ୍‌ରେ ଉପଭୋକ୍ତାଙ୍କ କ୍ରମାଙ୍କ ସଂଖ୍ୟା ଉଲ୍ଲେଖ ନ କରିବା ବିଦ୍ୟୁତ ବିଭାଗର ଅବହେଳା। ନିୟମିତ ବିଦ୍ୟୁତ୍ ଦେୟ ପୈଠ କରିଆସୁଥିଲେ ସୁଦ୍ଧା ବିଭାଗର ଏହି ଅବହେଳା ପାଇଁ ଚାଷୀମାନଙ୍କୁ ହଟହଟା ହେବାକୁ ପଡୁଛି ବୋଲି ସେ କହିଛନ୍ତି। ଏ ସମସ୍ୟାର ତୁରନ୍ତ ସମାଧାନ ସହିତ ସମ୍ପୃକ୍ତ ଚାଷୀମାନଙ୍କ ନବୀକରଣ, ପଞ୍ଜୀକରଣ କରା ନ ଗଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଚାଷୀଙ୍କ ଅଭିଯୋଗକୁ ବିଚାରକୁ ନିଆଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲାପାଳ ଟପ୍ପୋ କହିଛନ୍ତିୟ। ସ୍ମାରକପତ୍ର ପ୍ରଦାନ ସମୟରେ ଚାଷୀନେତା ବଣିଆ, ବୃନ୍ଦାବନ ବାରିକ, ପବିତ୍ର ପ୍ରଧାନ, ଭାସ୍କର ଦେହେରୀ, ସୁରେଶ ପ୍ରଧାନଙ୍କ ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ ।

# ୭ ପଜିଟିଭ ଚିହ୍ନଟ ପରେ ଗ୍ରାମରେ ଭୟର ବାତାବରଣ

ଅମରପାଲି, ୮।୪ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ପଞ୍ଚାୟତର କେଶଲଗା ଗ୍ରାମରେ ଗୋଟିଏ ପରିବାରର ୬ଜଣଙ୍କ ସମେତ ୭ଜଣ କରୋନା ଆକ୍ରାନ୍ତ ହୋଇଛନ୍ତି। ଏହାକୁ ନେଇ ଏବେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ମାତ୍ର ବିଭାଗ ଏଥିପ୍ରତି କୌଣସି ଗୁରୁତ୍ୱ ଦେଉ ନ ଥିବା ଦେଖିବାକୁ ମିଳିଛି। କରୋନାର ଦ୍ୱିତୀୟ ଲହରରେ ବୀରମହାରାଜପୁରରେ ଦେଖାଯାଇ ନଥିବା ବେଳେ କେଶଲଗାରେ ୭ ଆକ୍ରାନ୍ତ ଚିହ୍ନଟ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଉକ୍ତ ଖବର ଶୁଣି ଅଞ୍ଚଳରେ ଲୋକେ ଆତଙ୍କିତ ଥିବା ବେଳେ ବିଭାଗ ପକ୍ଷରୁ ଉକ୍ତ ଗ୍ରାମକୁ ଏଯାଏ ସାନିଟାଇଜ ମଧ କରାଯାଇନାହିଁ । ସୂଚନା ଅନୁସାରେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ ଠାରେ ଲକ୍ଷଣ ଦେଖାଦେବା ପରେ ତାଙ୍କ ସ୍ୱାବ ସଂଗ୍ରହ କରାଯାଇ ଭୁବନେଶ୍ୱର ପଠାଯାଇଥିଲା। ଗତ ୧ ତାରିଖରେ ସେ କରୋନା ଆକ୍ରାନ୍ତ ଥିବା ଜଣାପଡିବା ପରେ ତାଙ୍କ ପରିବାରର ୧୩ ଜଣଙ୍କ ସ୍ୱାମ ସଂଗ୍ରହ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପୁଣି ୫ଜଣଙ୍କ ଉକ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନା ନେଇଥିବା ଗ୍ରାମର ଜଣେ ବ୍ୟକ୍ତି ମଧ ଆକ୍ରାନ୍ତ ଥିବା ଜଣାପଡିଲା । ଗ୍ରାମରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ଦେଖି ସ୍ୱାସ୍ଥ୍ୟ ବିଭାଗ ୩୦ ଜଣଙ୍କ ସ୍ୱାବ ନେଇଥିବା ବେଳେ ଗୁରୁବାର ଆଉ ୧୦ଜଣଙ୍କ ସ୍ୱାବ ସଂଗ୍ରହ କରିଛି।

ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ବିଭିନ୍ନ ପରାମର୍ଶ ଦେଉଛି। ତେବେ ଉକ୍ତ ଗ୍ରାମକୁ ଏଯାଏ ଲକଡାଉନ କିମ୍ବା କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇନାହିଁ । ଫଳରେ ଉକ୍ତ ଗ୍ରାମର ଲୋକେ ଅବାଧରେ ବାହାରକୁ ଯିବା ଆସିବା କରୁଥିବା ବେଳେ ବାହାର ଲୋକେ ମଧ ଉକ୍ତ ଗ୍ରାମକୁ ପ୍ରବେଶ କରୁଛନ୍ତି। ଅନ୍ୟପକ୍ଷେ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ବେଳେ ବିଭାଗ କେବଳ ମାସ୍କ ଚେକଂରେ ସୀମିତ ଥିବା ଦେଖିବାକୁ ମିଳୁଛି। ଏ ନେଇ ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆଙ୍କୁ ପଚାରିବାରୁ ଏବେ ସାନିଟାଇଜ ବ୍ୟବସ୍ଥା ନ ଥିବା ଓ ଆକ୍ରାନ୍ତଙ୍କୁ ବାହାରେ ରଖିବାର ବ୍ୟବସ୍ଥା ନାହିଁ ବୋଲି କହିଥିଲେ।

# ଭଉଣୀ ଉପରେ ୬ପ୍ରାଣୀ କୁଟୁମ୍ବ ବୋଝ

ବିନିକା, ୮।୪(ଡି.ଏନ୍.ଏ.)



ସନ୍ତୋଷଙ୍କ ସହ ତାଙ୍କ ପରିବାରବର୍ଗ ।

**୨ ବର୍ଷ ହେଲା ରୋଗାକ୍ରାନ୍ତ ଭାଇ ଶଯ୍ୟାଶାୟୀ**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ପଞ୍ଚାୟତ ଅନ୍ତର୍ଗତ ଚୁଲିମାଳ ଗ୍ରାମର ସନ୍ତୋଷ ମଲ୍ଲିକ(୪୨)। ସ୍ତ୍ରୀ କୁନ୍ତି (୩୮), ପୁଅ ଓମ୍ (୧୬), ଝିଅ ଖୁସି (୮), ଅବିବାହିତା ବଡ ଭଉଣୀ ଅଶାନ୍ତି(୪୮) ଓ ବାକ୍‌ଶକ୍ତି ବାଧିତ ଭିନ୍ନକ୍ଷମ ସାନଭଉଣୀ ଜୟନ୍ତୀ(୩୫)ଙ୍କୁ ନେଇ ସନ୍ତୋଷଙ୍କ ପରିବାର। ଗୃହହୀନ ଏହି ପରିବାର ଚୁଲିମାଳ ଗ୍ରାମରେ ରହୁଥିବା ସମ୍ପର୍କୀୟ ମାମୁଁଙ୍କ ଘରେ ଆଶ୍ରୟ ନେଇଥିବା ବେଳେ ଅଶାନ୍ତି ଓ ସନ୍ତୋଷ ମୂଲଲାଗି ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ଦୁଇବର୍ଷ ତଳେ ସନ୍ତୋଷ କୌଣସି କାରଣରୁ ଘର ଛପର ଉପରେ ଚଢିଥିବା ବେଳେ ତଳକୁ ଖସି ପଡିଥିଲେ। ଏଥିରେ ତାଙ୍କ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରିଥିଲେ । ଯାହା ସମ୍ବଳ ଥିଲା ଚିକିତ୍ସା ବାବଦରେ ଖର୍ଚ୍ଚ ସରିଥିଲେ ହେଁ ସେ ଏବେ ଚଲାବୁଲା କରି ପାରୁନାହାନ୍ତି । ଅସ୍ତ୍ରୋପଚାର କରି ସମ୍ପୂର୍ଣ୍ଣ ଭଲ ହେବା ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକ ବୋଲି ଡାକ୍ତର କହିଥିଲେ । ଶେଷରେ ଅର୍ଥାଭାବରୁ ସନ୍ତୋଷ ଘରକୁ ଫେରି ଆସି ଦୁଇବର୍ଷ ହେଲା ଶଯ୍ୟାଶାୟୀ । ବର୍ତ୍ତମାନ ପରିବାର ବୋଝ ବଡ ଭଉଣୀ ଅଶାନ୍ତି ଉପରେ ପଡିଛି । ସେ ଦିନରାତି ଏକ କରି ଦାୟିତ୍ୱ ତୁଲାଇବାକୁ ଅଣ୍ଟା ଭିଡିଛନ୍ତି । ହେଲେ ଗୋଟିଏ ରୋଜଗାରରେ ପରିବାର ଚଳିବା କଷ୍ଟକର ହୋଇପଡିଛି। ଜମିବାଡି ନ ଥିବା ଏହି ପରିବାରକୁ ଆବାସ ଯୋଜନାରେ ଘରଖଣ୍ଡିଏ ମିଳି ପାରିନାହିଁ । ସରକାରୀ ଯୋଜନା କହିଲେ ସାନ ଭଉଣୀଙ୍କୁ ମିଳୁଛି ଭତ୍ତା । ଏହାଛଡା ସେ ଭିନ୍ନକ୍ଷମ ଥିବାରୁ ୩୫କେଜି ଚାଉଳ ଓ ସନ୍ତୋଷଙ୍କ ପରିବାରକୁ ପ୍ରତିମାସରେ ୨୦କେଜି ଚାଉଳ ମିଳୁଛି। ଦୁଇପିଲାଙ୍କ ପାଠପଢାରେ ଏକରକମ ଡୋରି ବନ୍ଧା ହେବାକୁ ବସିଲାଣି । ଚିକିତ୍ସା ପାଇଁ ସରକାର ସହାୟତାର ହାତ ବଢାଇବା ସହ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଜିଲା ପ୍ରଶାସନ ନିକଟରେ ସନ୍ତୋଷ ଆକୁଳ ନିବେଦନ କରିଛନ୍ତି ।

# ପ୍ରଥମ ଡୋଜ ଟିକା ନେବା ପରେ ପଜିଟିଭ ଚିହ୍ନଟ

ବିନିକା, ୮।୪(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ଗାଁରେ ଏକ ଦମ୍ପତି କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ପ୍ରଥମ ଡୋଜ ଟିକା ନେବାର ୬ଦିନ ପରେ କୌଣସି କାରଣରୁ ଅସୁସ୍ଥ ହୋଇ ଉଭୟେ ବରପାଲି ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ କରୋନା ପରୀକ୍ଷଣ ପରେ ଉଭୟଙ୍କ ଆର୍ଟିପିସିଆର ରିପୋର୍ଟ ପଜିଟିଭ୍ ଆସିଥିଲା । ଏବେ ସେମାନେ ହୋମ ଆଇସୋଲେଶନରେ ରହିଛନ୍ତି । ସମ୍ପୃକ୍ତ ଦମ୍ପତି କିଛିଦିନ ପୂର୍ବେ ଭୁବନେଶ୍ୱର ଓ ବୁର୍ଲା ମେଡିକାଲ ସ୍ୱାସ୍ଥ୍ୟଜନିତ କାମରେ ଯାଇ ଫେରିବା ପରେ ଉଭୟଙ୍କୁ ଜ୍ୱର ଓ କାଶ ହୋଇଥିଲା।

# ମହିଳାଙ୍କ ହାତରୁ ଝାମ୍ପି ନେଲେ ସ୍ୱର୍ଣ୍ଣ, ରୁପା ଅଳଙ୍କାର

ସୋନପୁର, ୮।୪(ନି.ପ୍ର.)

ସୁବର୍ଣ୍ଣପୁର ସହରରେ ଛିନ୍ତାଇ ଘଟଣା ବୃଦ୍ଧି ପାଇଛି। ଶାନ୍ତିନଗର ଅଞ୍ଚଳରେ ଜଣେ ମହିଳାଙ୍କ ହାତରୁ ସ୍ୱର୍ଣ୍ଣ ଓ ରୁପା ଅଳଙ୍କାର ଝାମ୍ପି ନେଇଛନ୍ତି। ବୁଧବାର ସନ୍ଧ୍ୟାରେ ଶାନ୍ତିନଗରର ଶ୍ୟାମସୁନ୍ଦର ପଣ୍ଡାଙ୍କ ସ୍ତ୍ରୀ ପ୍ରଭାବତୀ ପୁରୋହିତ ନିଜ ସମ୍ପର୍କୀୟଙ୍କ ସହିତ ଜୟଗୁରୁ ମାର୍କେଟ୍‌ରେ ଥିବା ଚନ୍ଦ୍ରିକା ଜୁଏଲର୍ସରୁ ଏକ ସୁନା ମାଳି ଓ ରୁପା ପାଉଁଜି କିଣିଥିଲେ। ପ୍ରଭାବତୀ ଘରକୁ ଫେରୁଥିବା ସମୟରେ ଲୁଟେରା ପିଛା କରିଥିଲେ। ଦୁଇ ଜଣ ଲୁଟେରା ବାଇକ୍‌ରେ ଆସି ପ୍ରଭାବତୀଙ୍କ ଘର ସମ୍ମୁଖରୁ ଅଳଙ୍କାର ଲୁଟ୍ କରି ଫେରାର ହୋଇଯାଇଛନ୍ତି । ଏ ନେଇ ସୋନପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ବିଭିନ୍ନ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବାକୁ ତନାଘନା ଜାରି ରଖିଛି ।

# ଦେଶସେବା ପାଇଁ ଛାତ୍ରଙ୍କୁ ଆହ୍ୱାନ

ବରଗଡ଼ ଅଫିସ୍, ୮।୪

ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ବୁଧବାର କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆରପିଏଫ) ପକ୍ଷରୁ ସୌର୍ଯ୍ୟ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସିଆରପିଏଫର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭଗବାନ ସାହୁ ଯୋଗଦେଇ ଛାତ୍ରୀଛାତ୍ର ଦେଶସେବାରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶହୀଦ ପଦ୍ମଲୋଚନ ମାଝିଙ୍କ ମା' ଶର୍ମିଳା ମୁଖ୍ୟଅତିଥି, ଜିଲା ବିଜ୍ଞାନ ପରିଦର୍ଶକ ଡ. ମନୋଜ କୁମାର ସାହୁ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥିବାବେଳେ ଶିକ୍ଷକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଶହୀଦ ପଦ୍ମଲୋଚନ ମାଝିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିବାବେଳେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଶହୀଦଙ୍କ ଭାଇମାନେ ଉପସ୍ଥିତ ଥିଲେ।



ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭଗବାନ ସାହୁ ବକ୍ତବ୍ୟ ରଖୁଛନ୍ତି ।

# ବିନା ଅଧିକାରୀରେ ଚାଲିଛି ଦେଓଗାଁ ତହସିଲ

ଦେଓଗାଁ, ୮।୪ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ତହସିଲ ଏବେ ବିନା ଅଧିକାରୀରେ ଚାଲିଛି। ତହସିଲଦାର ନାରାୟଣ ସାହୁଙ୍କର ଚଳିତମାସ ୫ ତାରିଖରେ ଖରିଆର ବ୍ଲକକୁ ବିଡିଓ ଭାବେ ବଦଳି ହୋଇଛି। ସେହିପରି ଅତିରିକ୍ତ ତହସିଲଦାର, ବରିଷ୍ଠ କିରାଣୀ, ତିନି କନିଷ୍ଠ କିରାଣୀ ପଦବୀ ମଧ ଖାଲିପଡିଛି। ଗତମାସ ୩୦ତାରିଖରେ ମୁଖ୍ୟ କିରାଣି ରମାକାନ୍ତ କୁଅଁର ଅବସର ନେଇଛନ୍ତି। ବର୍ଷେ ହେଲା ଏହି ତହସିଲର ଚତୁର୍ଥ କର୍ମଚାରୀ ଲକ୍ଷ୍ମଣ ସାହୁଙ୍କୁ ତୁସୁରା ତହସିଲକୁ ଡେପୁଟେସନରେ ନିଆଯାଇଛି। ଫଳରେ ଏବେ ବିନା ଅଧିକାରୀରେ ତହସିଲ କାର୍ଯ୍ୟ କେମିତି ଚାଲୁଥିବ ତାହା ସହଜରେ ଅନୁମେୟ। ୨୦୨୦ସେପ୍ଟେମ୍ବର ୨ତାରିଖରେ ନାରାୟଣ ସାହୁ ତହସିଲଦାରଭାବେ ଯୋଗଦେଇଥିଲେ। ହେଲେ ତାଙ୍କ ସ୍ଥାନରେ କେହି ଯୋଗ ନ ଦେବା ପୂର୍ବରୁ ତାଙ୍କୁ ରିଲିଭ କରି ଦିଆଗଲା। ତୁରନ୍ତ ତହସିଲଦାରଙ୍କ ସମେତ ଅନ୍ୟ ଅଧିକାରୀ ପଦବୀ ପୂରଣ ଦିଗରେ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ୬ ଦଫା ଦାବି ନେଇ ଚାଲିଥିଲା ଧାରଣା ପ୍ରତ୍ୟାହୃତ

ଦେଓଗାଁ, ୮।୪ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ପଞ୍ଚାୟତ ସମ୍ମୁଖରେ ୬ଦଫା ଦାବି ନେଇ ସ୍ଥାନୀୟ ବୁଦ୍ଧିଜୀବୀ ତଥା ଲୋକ ଉନ୍ନତି ସଂଗଠନ ପକ୍ଷରୁ ଗତ ଆଠଦିନ ହେଲା ଚାଲିଥିବା ଆମରଣ ଅନଶନ ପ୍ରତ୍ୟାହୃତ ହୋଇଛି। ଗୁରୁବାର ବିଡିଓ ମୁରଲୀଧର ନାଏକ, ଏବିଡିଓ ରୁଦ୍ର ପ୍ରସାଦ ସୁନା, ଏପିଓ ପ୍ରଶାନ୍ତ ସାହୁ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ଦାବିଗୁଡିକୁ ଆସନ୍ତା ୪୦ ଦିନ ମଧରେ ପୂରଣ କରାଯିବାର ନିର୍ଭର ପ୍ରତିଶ୍ରୁତି ଦେବାପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ପ୍ରତିଶ୍ରୁତି ଅନୁସାରେ ଦାବୀ ପୂରଣ ନହେଲେ ପୁଣି ଅନଶନ କରାଯିବ ବୋଲି ସାମାଜିକ କର୍ମୀ ପୁରନ୍ଦର ଭୋଇ, ଲୋକଉନ୍ନତି ସଂଗଠନ ବ୍ଲକ ସଂଯୋଜକ ପିତାମ୍ବର ପଧାନ, ରୁପାଧର ପୁଟା, ମହିଳା ଶ୍ରମଜୀବୀ ମଞ୍ଚ ସଭାନେତ୍ରୀ ଶାନ୍ତି ଭୋଇ ପ୍ରମୁଖ ସୂଚନା ଦେଇଛନ୍ତି ।

# ଆତ୍ମନିର୍ଭରଶୀଳ ନାଁରେ ଠକେଇ, ଅଭିଯୁକ୍ତ ଗିରଫ

ସୋନପୁର,୮।୪(ନି.ପ୍ର.)

କରୋନା ମହାମାରୀ ସମୟରେ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ନାଁରେ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଏକ ଘରୋଇ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ବିନୋଦ ଜେନା(୫୨)ଙ୍କୁ ସୋନପୁର ପୋଲିସ ଗିରଫ କରିଛି। ବିନୋଦ ପୋଲିସ ଆଖିରେ ଧୂଳି ଦେଇ ବାଲେଶ୍ୱର ଜିଲା ବସ୍ତା ଅଞ୍ଚଳରେ ଲୁଚି ରହିଥିଲେ। ରଶ୍ମି ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କନସଲଟେନ୍ସି କର୍ପୋରେଶନ ଶାଖା ଓଡିଶା କିଷାନ ଗୋଦାମ କମ୍ପାନୀ ଲିମିଟେଡ ନାମକ ଏକ କମ୍ପାନୀ ପକ୍ଷରୁ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର ଜେନା ସୋନପୁର ସହରର ପଟାଭାଡିରେ କମ୍ପାନୀର କାର୍ଯ୍ୟାଳୟ ଖୋଲିଥିଲେ। ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ପ୍ରଥମେ ରିହାତି ଦରରେ ସିଲାଇ ମେଶିନ, ଖଲି ଦନା ତିଆରି ମେଶିନ, ଧୂପ କାଠି ପ୍ରସ୍ତୁତି ମେଶିନ ଆଦି ଯୋଗାଇ ଦେଇଥିଲେ। ପ୍ରଥମେ ୨୫୦ଟଙ୍କା ଦେଇ ନିଜର ନାମ ପଞ୍ଜିକରଣ କରିବା ପରେ ଜିଲାର ସମସ୍ତ ୬ ଗୋଟି ବ୍ଲକ ଓ ସହରାଞ୍ଚଳରେ ମହିଳାମାନଙ୍କୁ ସେମାନେ ଚାହୁଁଥିବା ମେଶିନ ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ। ଏଥିପାଇଁ ପ୍ରତ୍ୟେକ ମହିଳାଙ୍କଠାରୁ ୧୦ରୁ ୨୦ ହଜାର ଟଙ୍କା ଲେଖାଏଁ ଆଦାୟ କରିଥିଲେ। କିନ୍ତୁ ଦୀର୍ଘ ଦିନ ଧରି ସମ୍ପୃକ୍ତ କମ୍ପାନୀ କୌଣସି ମେଶିନ ଯୋଗାଇ ନ ଦେବା ଫଳରେ ମହିଳାମାନଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଥିଲା। ଏପରିକି ପଟାଭାଡିରେ ଖୋଲିଥିବା କାର୍ଯ୍ୟାଳୟ ମଧ ବନ୍ଦ ହୋଇଯାଇଥିଲା। ଫଳରେ କ୍ଷତିଗ୍ରସ୍ତ ମହିଳାମାନେ ଗତ ସେପ୍ଟେମ୍ବର ୨୯ ତାରିଖରେ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୪ଜଣଙ୍କ ନାମରେ ଠକେଇ ମାମଲା ରୁଜୁ କରିଥିଲା। କିନ୍ତୁ ଅଭିଯୁକ୍ତ ଗିରଫ ନ ହେବାରୁ କ୍ଷତିଗ୍ରସ୍ତ ମହିଳାମାନେ ବାରମ୍ବାର ଥାନା ଓ ଜିଲା ପୋଲିସ ମୁଖ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏସ୍‌ପି ସୀତାରାମ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ସବ୍ ଇନ୍ସପେକ୍ଟର ସୁବ୍ରତ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବିନୋଦଙ୍କୁ ଗିରଫ କରିବା ପରେ କୋର୍ଟଚାଲାଣ କରିଛି।

# କାମ ଚାଲିଛି, କ୍ଷୀପ୍ରତର କର

ବଲାଙ୍ଗୀର ଅଫିସ, ୮।୪

**ହୀରାକୁଦ ସମସ୍ୟା ପୁନରାବୃତ୍ତି ନହେବା ଦିଗରେ ଧ୍ୟାନଦିଅ: ନରସିଂହ**



ବିଧାୟକ ନରସିଂହ ମିଶ୍ର ଅଧିକାରୀମାନଙ୍କ ସହ ଲୋୟର ସୁକ୍‌ତେଲ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କରୁଛନ୍ତି ।

- ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ସମୀକ୍ଷା ବୈଠକ
- ପ୍ରକଳ୍ପ ପ୍ରଭାବିତଙ୍କୁ ଏକକାଳୀନ କ୍ଷତିପୂରଣ ଦିଆଯାଉ
- ଥଇଥାନ କାର୍ଯ୍ୟ ଉପରେ ଜୋର
- ଭୂତଳ ପାଇପ୍ ସିଷ୍ଟମ୍ ଉପରେ ଆଲୋଚନା

ଦୀର୍ଘ ଅଢ଼େଇବର୍ଷ ଧରି ଲୋୟର ସୁକତେଲ ପ୍ରକଳ୍ପ ନିର୍ମାଣ କାମ ବନ୍ଦ ପଡିବା ପରେ ଗତ ଫେବୃୟାରୀରୁ ପୁଣି ଥରେ ଆରମ୍ଭ ହୋଇଛି। ଗତ ଦୁଇମାସ ମଧ୍ୟରେ କାମ କେତେ ଆଗେଇଛି ତାକୁ ନେଇ ବିଧାୟକ ନରସିଂହ ମିଶ୍ର ଗୁରୁବାର ସମୀକ୍ଷା କରିଛନ୍ତି। ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ନିରଞ୍ଜନ ରାଉତ, ଥଇଥାନ ଓ ପୁନର୍ବାସ ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର ମହାପାତ୍ର, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୁମାର ନାଗଭୂଷଣ, ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ନିର୍ବିଘ୍ନ ଭୋଇ, କେନାଲ ବିଭାଗ ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ ତ୍ରିପାଠୀ ଉପସ୍ଥିତ ରହି ବିଧାୟକ ମିଶ୍ରଙ୍କୁ ପ୍ରକଳ୍ପ ଅଗ୍ରଗତି ସମ୍ବନ୍ଧୀୟ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ ।

ବଲାଙ୍ଗୀର ଜିଲା ପାଇଁ ଗୁରୁତ୍ୱପୂର୍ଣ୍ଣ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଦୀର୍ଘ ୨୦ ହେଲା ସମ୍ପୂର୍ଣ୍ଣ ହେଉ ନ ଥିବାରୁ ବିଧାୟକ ମିଶ୍ର ଉଦ୍‌ବେଗ ପ୍ରକାଶ କରିଥିଲେ। ଏବେ ନିର୍ମାଣ କାମ ଯେଭଳି ଭାବେ ଚାଲିଛି ତାକୁ ଆହୁରି କ୍ଷୀପ୍ରତର କରିବା ଓ ପ୍ରକଳ୍ପ ପ୍ରଭାବିତଙ୍କ ଥଇଥାନ, କ୍ଷତିପୂରଣ ପ୍ରସଙ୍ଗକୁ ମଧ ସମଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଲୋୟର ସୁକ୍‌ତେଲ ପ୍ରକଳ୍ପରେ ହୀରାକୁଦର ଭୁଲ ଯେପରି ପୁନରାବୃତ୍ତି ନହେଉ। ଯେଉଁମାନେ ଗାଁ ଛାଡିବେ ସେମାନଙ୍କୁ ଉପଯୁକ୍ତ ଥଇଥାନ ଓ ଏକକାଳୀନ କ୍ଷତିପୂରଣ ଦେବା ଉପରେ ବିଧାୟକ ଜୋର ଦେଇଥିଲେ। ବିସ୍ଥାପିତଙ୍କ ପାଇଁ ଚିହ୍ନଟ ବଲାଙ୍ଗୀର ସହର ନିକଟ ନୂଆବଲାଙ୍ଗୀର, ଲର୍କିପାଲି ଓ ସଦାଇପାଲିରେ ରହିବା ପାଇଁ ସର୍ବନିମ୍ନ ମୌଳିକ ସୁବିଧା ନାହିଁ । ବିଗତ ଦିନରେ ପ୍ରକଳ୍ପ ଅଧିକାରୀମାନେ ଏନେଇ ଭୁଲ ରିପୋର୍ଟ ଦେଇଥିଲେ । କ୍ଷେତ୍ର ପରିଦର୍ଶନ ସମୟରେ ସେ ମିଥ୍ୟା ରିପୋର୍ଟ ଧରାପଡିଯାଇଥିଲା । ଆଗକୁ ଏଭଳି ଭୁଲ ଯେପରି ନହେବ ସେଥିପ୍ରତି ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ପ୍ରକଳ୍ପ ପ୍ରଭାବିତଙ୍କ ପରିବାର ପିଛା କ୍ଷତିପୂରଣ, ଫଳ ପ୍ରଦାନକାରୀ ବୃକ୍ଷର କ୍ଷତିପୂରଣ, ଆଂଶିକ ବୁଡିଯାଉଥିବା ଗାଁର ଲୋକଙ୍କ ସମସ୍ୟା ଓ କ୍ଷତିପୂରଣ ତଥା ଜମି ସମ୍ବନ୍ଧୀୟ ସିଲିଂ ଜମି ଓ ଝାଙ୍କିରୀ ଜମିର କ୍ଷତିପୂରଣ ସମୟରେ ଅଧିକାରୀମାନେ ଯତ୍ନବାନ ହେବାକୁ କହିଥିଲେ। ପ୍ରକଳ୍ପ ଦ୍ୱାରା ଆଂଶିକ କ୍ଷତିଗ୍ରସ୍ତ ହେଉଥିବା ଚୁଡାପାଲି, ତୁଲୁସର, ବାରପୁଟୁଗିଆ ଓ ବରପିଟାର ଲୋକେ ଯେପରି କ୍ଷତିପୂରଣ ପାଇବେ ଆଲୋଚନା ହୋଇଥିଲା। ଡ୍ୟାମ ନିର୍ମାଣ ସହ ସମାନ୍ତରଣ ଭାବେ ଭୂତଳ ପାଇପ କେନାଲ ସିଷ୍ଟମ କାମ ନିର୍ଦ୍ଧାରିତ ୨୦୨୪ ମସିହା ସୁଦ୍ଧା ସରିବ ବୋଲି ମୁଖ୍ୟଯନ୍ତ୍ରୀ ରାଉତ୍ କହିଥିଲେ। ଖୁବ୍‌ଶୀଘ୍ର ପ୍ରକଳ୍ପ କ୍ଷେତ୍ରକୁ ବିଧାୟକ ମିଶ୍ର ପରିଦର୍ଶନରେ ଯିବେ ବୋଲି ସୂଚନା ଦେଇଥିଲେ ।